BOD-4
Block-2

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**Odisha State Open University**
**Sambalpur**

# ସ୍ନାତକ କାର୍ଯ୍ୟକ୍ରମ

## ଓଡ଼ିଆ (ସମ୍ମାନ)

## ଆଧୁନିକ ଓଡ଼ିଆ ସାହିତ୍ୟ

## ଓଡ଼ିଆ କଥା ସାହିତ୍ୟ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

ପାଠ୍ୟକ୍ରମ - ୪
ଆଧୁନିକ ଓଡ଼ିଆ ସାହିତ୍ୟ

## ବ୍ଲକ୍

## ୨ ଓଡ଼ିଆ କଥା ସାହିତ୍ୟ

ପ୍ରଥମ ଏକକ
ପ୍ରାଚୀନ

ଦ୍ୱିତୀୟ ଏକକ
ମଧ୍ୟଯୁଗୀୟ

ତୃତୀୟ ଏକକ
ନବଚେତନା

ଚତୁର୍ଥ ଏକକ
ଆଧୁନିକ

**ପାଠ୍ୟକ୍ରମ : ୪**

**ବ୍ଲକ୍ : ୦୨**

**ପ୍ରଥମ ସଂସ୍କରଣ : ୨୦୨୦**

**ଲେଖକ : ଡକ୍ଟର ବାଳକୃଷ୍ଣ ବେହେରା**

ଆସିଷ୍ଟାଣ୍ଟ୍ ପ୍ରଫେସର, ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ

ବାହାରାଗୋଡ଼ା ମହାବିଦ୍ୟାଳୟ (କୋହ୍ଲାନ୍ ବିଶ୍ୱବିଦ୍ୟାଳୟର ଅଙ୍ଗୀଭୂତ ଏକକ), ଝାଡ଼ଖଣ୍ଡ

**ଅଳଙ୍କରଣ : ଲିପିନା ସାହୁ**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଡିଟିପି : ଧନଶ୍ରୀ ମିଶ୍ର**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ପ୍ରକାଶକ**

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

© OSOU, 2020."**Adhunika Odia Sahitya**" is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ପ୍ରାଚୀନ

**ବିଷୟ ଗଠନ :**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପ୍ରବେଶ
୧.୪ କଥା ସାହିତ୍ୟର ପ୍ରାଚୀନ ଯୁଗ
୧.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୬ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ସମୟ ସର୍ବଦା ପରିବର୍ତ୍ତନଶୀଳ। ପରିବର୍ତ୍ତିତ ସମୟ ସହ ବଦଳେ ଯୁଗରୁଚି। ଯୁଗରୁଚି ସହ ତାଳ ଦେଇ ବଦଳିଥାଏ ସବୁ କିଛି। ମନୋରଞ୍ଜନ ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ। କାହାଣୀ କହିବା ଓ ଶୁଣିବା ମନୁଷ୍ୟର ଆଦିମ ପ୍ରବୃତ୍ତି। ନିଜ ଜୀବନର ଅନୁଭୂତି ଓ ଅନୁଭବକୁ ରୋମାଞ୍ଚକର ଭାବରେ ଶ୍ରୋତାଙ୍କ ପାଖରେ ବର୍ଣ୍ଣନା କରି କଥକ ନିଜେ ଅପାର ଆନନ୍ଦ ଲାଭ କରିବା ସହ ଶ୍ରୋତାକୁ ମଧ୍ୟ ପୁଲକିତ କରିଥାଏ। ସବୁ ଭାଷାରେ ଏହି କାହାଣୀ ପରମ୍ପରା ଆବହମାନ କାଳରୁ ମୁଖରୁ ମୁଖକୁ ଚାଲି ଆସିଛି। ପରବର୍ତ୍ତୀ କାଳରେ ଶିକ୍ଷା ଓ କାରିଗରୀ କୌଶଳର ବିକାଶ ଦ୍ୱାରା ଲିଖିତ ସାହିତ୍ୟର ଉଦ୍ଭବ ଓ ବିକାଶ ହୁଏ। ଏହି ଏକକରେ ଆମେ ପ୍ରାଚୀନ କଥା ସାହିତ୍ୟର ବିକାଶଧାରା ସମ୍ପର୍କରେ ଆଲୋଚନା କରିବା।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ଆମେ ଜାଣିବାକୁ ପାଇବା :-

- ଲୋକକାହାଣୀ ପରମ୍ପରା
- ଲୋକକାହାଣୀର ସ୍ୱରୂପ
- ଲୋକକାହାଣୀ ଓ ଆଦିବାସୀ ସମ୍ପ୍ରଦାୟ
- ଆଦିବାସୀ ସମ୍ପ୍ରଦାୟରେ ନାରୀ ଚରିତ୍ର
- ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ

## ୧.୩ ବିଷୟ ପ୍ରବେଶ

ଓଡ଼ିଆ ଉପନ୍ୟାସର ଉନ୍ମେଷ ପର୍ବରେ ସାମାଜିକ ଓ ଐତିହାସିକ ଘଟଣାବଳୀ ଉପରେ ଆଧାରିତ କଥାବସ୍ତୁକୁ ନେଇ କଥା ସାହିତ୍ୟର ସୃଷ୍ଟି। ଯେଉଁଥିରେ ଜମିଦାର, ଧନୀ ବ୍ୟକ୍ତିମାନଙ୍କର ଶୋଷଣ, ଅନାଚାର, ଗ୍ରାମୀଣ କୁସଂସ୍କାର, ଅନ୍ଧବିଶ୍ୱାସ, ଜାତିଆଣ ଭେଦ, ଆଧୁନିକ ଇଂରାଜୀ ପାଠପଢୁଆ ଯୁବକଙ୍କର ରୀତିନୀତି, ଚାଲିଚଳଣି ପ୍ରଭୃତି ଚମତ୍କାର ଭାବେ ବର୍ଣ୍ଣନା କରାଯାଇଥିଲା।

## ୧.୪ କଥା ସାହିତ୍ୟର ପ୍ରାଚୀନ ଯୁଗ

କଥା ବା କାହାଣୀ କହିବାର  କିମ୍ବା ଶୁଣିବାର ବିଷୟ ପ୍ରାଚୀନ ସମୟର ସାହିତ୍ୟକୁ ସମୃଦ୍ଧ କରିଛି। ଆନନ୍ଦ କିମ୍ବା ଶିକ୍ଷାଦାନ ନିମିତ୍ତ ଏଗୁଡ଼ିକର ଚର୍ଚ୍ଚା ହୋଇଆସୁଅଛି। ଲୋକ ଏହାର ସ୍ରଷ୍ଟା। ଲୋକସାହିତ୍ୟ ହେଉଛି ପ୍ରାଚୀନ କଥା ସାହିତ୍ୟର ଆଦିରୂପ। ଲୋକ କହିଲେ ଓଡ଼ିଶାର ଆଦିବାସୀ ଲୋକ। ବିଭିନ୍ନ ଗୋଷ୍ଠୀ ବା ସମ୍ପ୍ରଦାୟ ଭିତରେ ସୃଷ୍ଟିର ସୃଷ୍ଟି ରହସ୍ୟ ସେମାନଙ୍କ ଲୋକବିଶ୍ୱାସ ଅନୁସାରେ ଦୃଢ଼ମୂଳ। ମଣିଷ ସୃଷ୍ଟିର ମଧ କାହାଣୀ ଲୋକ କଥାକୁ ଅତି ମନୋରମ କରିଛି।

ଲୋକ କଥା ଭିତରେ ଲୌକିକ ରୀତିନୀତି ଚାଲିଚଳଣି ପ୍ରଭୃତି ସ୍ଥାନିତ। ଆଧୁନିକ ସାହିତ୍ୟ ଯେପରି ମଣିଷର ବର୍ତ୍ତମାନକୁ ଧରି ରଖେ। ତା'ର ଜୀବନ ସଂଘର୍ଷ, ତା'ର ବିଶ୍ୱାସ ଓ ଜୀବନ ଦର୍ଶନକୁ ସ୍ଥାନ ଦିଏ। ଆଦିବାସୀ ଲୋକ କଥା ମଧ ଆଦିବାସୀଙ୍କ ଜୀବନର ସବୁକିଛିକୁ ଧରିରଖେ।

ଲୋକ କାହାଣୀ ସବୁର ଲିପିବଦ୍ଧ ରୂପ ନ ଥିଲା। ଆଜି ବି ଏହା ଲେଖାଯାଏ ନାହିଁ, କୁହାଯାଏ। କେବେ ବି ଲୋକକଥା ଲେଖାଯାଏ ନାହିଁ। ବିଭିନ୍ନ ସମୟରେ ଏହା କୁହାଯାଏ। ପର୍ବପର୍ବାଣୀ ସାମାଜିକ ରୀତିନୀତି ସବୁ ପାଳନ କିମ୍ବା ଅବସର ସମୟରେ ଏଗୁଡ଼ିକ କୁହାଯାଏ। ଲୋକ କଥାର କଥାକାର ହେଉଛନ୍ତି ବୁଢ଼ାବୁଢ଼ୀ। ପୂର୍ବଜଙ୍କଠାରୁ ଆଦୃତ ଓ ଜୀବନର ଦୀର୍ଘ ଅନୁଭବକୁ ନେଇ କଥା କହିଥାନ୍ତି ଏମାନେ। ବିଭିନ୍ନ ପୂଜାର ପୂଜକ ମଧ ପୂଜା ସମ୍ବନ୍ଧୀୟ କଥା କହିଥାନ୍ତି। ବୁଢ଼ା ବୁଢ଼ୀମାନେ ହେଉଛନ୍ତି ଆମର କଥାପେଡ଼ି, କଥାବୁଜୁଳି ବା ଗଳ୍ପସାଗର।

ଆଦିବାସୀ ଲୋକଗଳ୍ପର କଥାକାର ଏକ ନୁହନ୍ତି। ଜଣେ ଆରମ୍ଭ କରେ ଆଉ କେହି ସମାପ୍ତ କରେ। ଆଦିବାସୀଙ୍କ ଗଳ୍ପ ସାମାଜିକ ସୃଷ୍ଟି। ତେବେ ବି କେହି କେହି ସେହି ସମାଜର ଗଳ୍ପକାର ମଣିଷ ହିଁ ଗଳ୍ପକୁ ପ୍ରସ୍ତୁତ କରିଥିବ ନିଶ୍ଚୟ। ଲୋକଗଳ୍ପର କଥନ କେହି ବି ବୁଢ଼ା ବୁଢ଼ୀ କହିଥାନ୍ତି। ଏମାନେ ମଧ ମୂଳ ଗଳ୍ପରେ ଆହୁରି ନିଜସ୍ୱ ଅନୁଭବକୁ ଗଳ୍ପ କରି ଯୋଡ଼ି ଦେଇଥାନ୍ତି। ଯାହା ପରେ କଥା ସମ୍ରାଟ ଫକୀରମୋହନଙ୍କ କଥା ସାହିତ୍ୟରେ ଦେଖିବାକୁ ମିଳେ। ଲେଖକୀୟ ଆବିର୍ଭାବ ଏକ ଅନନ୍ୟଶୈଳୀ।

ମୌଖିକ ସାହିତ୍ୟରେ ଲୋକ ସାହିତ୍ୟ ସୀମିତ। ତେବେ ଏଥିରେ ଅଛି ତା'ର ସୌନ୍ଦର୍ଯ୍ୟ ସହ ମୌଳିକତା।

ଲୋକର ସମ୍ପର୍କ କୃଷି ସହିତ ଅତ୍ୟନ୍ତ ନିବିଡ଼। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରେ। ଶିକାର ତା'ର ଅନ୍ୟ ପ୍ରକାର ଜୀବନ ଧାରଣାର ମାନ ନିର୍ଦ୍ଧାରକ। ଏସବୁ ବିଷୟ ହିଁ ତା'ର ଲୋକ କଥାର ବିଷୟ।

କୃଷିକାର୍ଯ୍ୟ ଆରମ୍ଭରୁ ଜମି ହଳ କରିବା, ମୁଠି ଛୁଇଁବାଠୁ ଆରମ୍ଭ କରି ଧାନ କଟା ସରିବା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଭିନ୍ନ ପୂଜା ପର୍ବ, ଉତ୍ସବ ଆଦିକୁ କୃଷକ ନିଜ ଜୀବନର ଅଂଶ କରିଦିଏ। ପୁଣି ଜନ୍ମ ମୃତ୍ୟୁ ବିବାହ ବ୍ରତ ଆଦି ତା' ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟକୁ ସିଏ ଉତ୍ସବ ମୁଖର କରେ। ଏପରି ସମୟରେ ଗଳ୍ପ ସୃଷ୍ଟି ହୁଏ କିମ୍ବା ପାରମ୍ପରିକ ଗଳ୍ପ କଥନ ହୁଏ। ତେବେ ପାରମ୍ପରିକ ଗଳ୍ପଗୁଡ଼ିକରେ ନୂଆ କିଛିର ପୁର୍ନପ୍ରବେଶ ସବୁବେଳେ ଲାଗିଥାଏ। ଏଭଳି ଗଳ୍ପକଥନ ପାରମ୍ପରିକ ଗଳ୍ପଟିକୁ ଆହୁରି ସମୃଦ୍ଧ ଓ ଜୀବନ୍ତ କରେ। ସ୍ଥାନୀୟ ବିଶ୍ୱାସକୁ ଆହୁରି ବଳ ମିଳେ।

ଲୋକଗଳ୍ପର ଗନ୍ତାଘର ତେଣୁ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ନିହିତ ରହିଛି। ସେମାନଙ୍କ ମଧ୍ୟରେ ଥିବା ବିଭିନ୍ନ ସମ୍ପ୍ରଦାୟ ଭିତରେ ଅଲଗା ଅଲଗା ପ୍ରକାରର ଗଳ୍ପଗୁଡ଼ିକ ରହିଛି। ଯେମିତି ମଣିଷ ସୃଷ୍ଟିକୁ ନେଇ ଗଳ୍ପ ଗୁଡ଼ିକରେ ଅଛି ଯେ ତାଙ୍କର ଭଲ ଡୁମା ଦୁଇଟି ବାଉଁଶ ଗଜାରୁ ଗୋଟିକରୁ ପୁରୁଷ ଆଉ ଗୋଟିକରୁ ନାରୀ ସୃଷ୍ଟି କଲା। ସେଦିନଠୁ ମଣିଷର ସୃଷ୍ଟି। କିନ୍ତୁ ବାଉଁଶ ଗଜାରୁ ମଣିଷ କେବଳ ସୃଷ୍ଟି ହୋଇଥିବାରେ ଏ ଗଳ୍ପ ସୀମିତ ନୁହେଁ। ଗୋଟିଏ ଗଳ୍ପର ଭିନ୍ନ ଭିନ୍ନ ରୂପ ଥିବା ଦେଖାଯାଏ। ଏହା ଆମ ଲୋକକଥା ସାହିତ୍ୟ ସମୃଦ୍ଧିର କାରଣ।

ଆଦିବାସୀ ଏଭଳି ଭାବରେ ଜଗତର ସୃଷ୍ଟି ବିଷୟରେ ମଧ୍ୟ କୁତୁହଳୀ। ତା' ପାଖରେ ମଧ୍ୟ ଜଗତ ସୃଷ୍ଟିର କାରଣ ଉପରେ ଆଧାରିତ ଗଳ୍ପ ରହିଛି। ତାଙ୍କ ସୃଷ୍ଟିକାରୀ ଡୁମା ଭାବିଲେ ସୃଷ୍ଟି କରିବା। ତା'ର ନାରୀ ପକ୍ଷଟିଏ ସୃଷ୍ଟି କଲେ। କେବଳ ଜୀବଜନ୍ତୁ କିମ୍ବା ମଣିଷ ସୃଷ୍ଟିରେ ଶେଷ ହେଲା ନାହିଁ। ଏଭଳି ମଣିଷ ଭିତରେ ପାପବୋଧ ସୃଷ୍ଟି କରିବା ଶୋକ, ପ୍ରେମ ପ୍ରଭୃତି ବିଭିନ୍ନ ଭାବ ସୃଷ୍ଟି କରିବାର ବିଷୟ ମଧ୍ୟ ଏ ଗଳ୍ପ ଗୁଡ଼ିକରେ ସ୍ଥାନିତ। ଜନ୍ତୁ ସବୁ ହିଂସ୍ର ହେବାର ମଧ୍ୟ କାରଣ ରହିଛି।

ଜୀବନ ଓ ଜଗତର ସୃଷ୍ଟିକୁ ନେଇ ଆଦିବାସୀ ମଣିଷ ମଧ୍ୟ ଅନୁସନ୍ଧିତ୍ସୁ ମନଟିଏ ପ୍ରୟୋଗ କରେ। ସିଏ ତା'ର କଳ୍ପନା ଶକ୍ତି ଅନୁସାରେ ତା'ର ସାମାଧାନ ଦିଏ। ତାକୁ ବିଶ୍ୱାସ କରେ। ଅନ୍ୟାନ୍ୟ ଧାର୍ମିକ ସିଦ୍ଧାନ୍ତ ଅପେକ୍ଷା ତା'ର ସିଦ୍ଧାନ୍ତ କିଛି କମ୍ ମହତ୍ତର ବିଷୟ ନୁହେଁ। ତା'ର ବିଶ୍ୱାସ ଅନୁସାରେ ସିଏ ସମାଜ ଓ ସଂସ୍କୃତି ନିର୍ମାଣ କରେ।

ଆଦିବାସୀ ଦେବତା ସିଂବୋଙ୍ଗା ସୃଷ୍ଟିର ନିର୍ମାଣ କର୍ତ୍ତା। ଏହାଙ୍କର ଆକାର ନାହିଁ। ପାଞ୍ଚ ସାତୋଟି ଶାଳଗଛ ଏକାଠି ଥିଲେ ତାହା ତାଙ୍କ ନିବାସସ୍ଥଳୀ ମନେ କରାଯାଏ। ଶୂନ୍ୟ ଦେବତା ହେଉଛନ୍ତି ସିଂବୋଙ୍ଗା। ସିଂବୋଙ୍ଗା ପାଖରେ ଆଦିବାସୀ ମଣିଷର ସବୁ ହାରିଗୁହାରୀ। ସିଏ ତାଙ୍କର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା।

ଆଧୁନିକ କଥା ସାହିତ୍ୟର ଗୋଟିଏ ବଡ଼ ବୈଶିଷ୍ଟ୍ୟ ହେଉଛି ସମାଜ ଓ ସଂସ୍କୃତିକୁ ଚିତ୍ରଣ କରିବା। ବିଭିନ୍ନ ଆଦିବାସୀ ଗଳ୍ପରେ ସେଭଳି ସେଇ ସମାଜର ସାଂସ୍କୃତିକ ବିକାଶଧାରା ଦେଖିବାକୁ ମିଳେ। ବିଭିନ୍ନ ଦେବୀଙ୍କ ସୃଷ୍ଟି ମୂଳରେ ଅଛି କିଛି ନା କିଛି କାହାଣୀ। ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଅର୍ନ୍ତକଳହର ଚିତ୍ର ଏବଂ ପରବର୍ତ୍ତୀ ସମୟର ସମାଜ ଗଠନ ଏ କାହାଣୀଗୁଡ଼ିକରେ ଦେଖିବାକୁ ମିଳେ।

ସିଂବୋଙ୍ଗାଙ୍କ ସ୍ୱର୍ଗରେ ଅବସ୍ଥାନ। ସିଏ ଆଦିବାସୀଙ୍କ ଗୁହାରୀ ଶୁଣି ମର୍ତ୍ତ୍ୟକୁ ଆସନ୍ତି ଓ ସେମାନଙ୍କ ଆବଶ୍ୟକତା ଅନୁସାରେ ଫଳ ଦିଅନ୍ତି। ଆଦିବାସୀଙ୍କୁ କଷ୍ଟ କରୁଥିବା ଗୋଷ୍ଠୀଙ୍କୁ ଦଣ୍ଡ ଦିଅନ୍ତି।

ବିଭିନ୍ନ ଲୋକଗଳ୍ପରେ ଯେମିତି ଈଶ୍ୱର ପାର୍ବତୀ ବାଟରେ ଯାଉ ଯାଉ କାହାର ଦୁଃଖ ଦେଖି ଓହ୍ଲାନ୍ତି। ଆଶୀର୍ବାଦ କରନ୍ତି, ସମାଧାନ କହି ଦିଅନ୍ତି ପ୍ରଭୃତି ଦୃଶ୍ୟ ଭଳି ସିଂବୋଙ୍ଗାଙ୍କ ସେଭଳି ଆବିର୍ଭାବ। ସେ ମଧ୍ୟ ତାଙ୍କ ପତ୍ନୀଙ୍କ ସହ ସ୍ୱର୍ଗରେ ରହି ଆଦିବାସୀଙ୍କ କଥା ଶୁଣନ୍ତି।

ସମାଜରେ ନାରୀପୁରୁଷର ବିବାଦ ଭଳି ଆଦିବାସୀ ଗଳ୍ପରେ ତାଙ୍କର ଦେବତା ପତିପତ୍ନୀଙ୍କ ଭିତରେ ମଧ୍ୟ କଳହ ହୁଏ।

ଆଦିବାସୀ ସଂସ୍କୃତିରେ ପାହାଡ଼ ପର୍ବତ, ନଦୀ ଝରଣା, ଗଛଲତା, ମାଟି ଅକାଶ ସମସ୍ତେ ଦେବାତ୍ମା। ସମସ୍ତଙ୍କ ଶୁଭ ଦୃଷ୍ଟି ତାଙ୍କର କାମ୍ୟ। ଡୁମା ଖୁସି ହେଲେ ସବୁ ଭଲ ହୁଏ। ଡୁମା ରାଗିଲେ ସବୁ ଅନର୍ଥ ହୁଏ। ରୋଗ ବ୍ୟାଧି, ଦୁଃଖ ଦୁର୍ବିପାକ, ଅନାବୃଷ୍ଟି, ଫସଲ ନଷ୍ଟ, ଗାଈ ଗୋରୁଙ୍କ ମୃତ୍ୟୁଠୁ ଆରମ୍ଭ କରି ମଣିଷର ଜୀବନ ଶେଷ କରିବା ପର୍ଯ୍ୟନ୍ତ ଅନର୍ଥ ହୁଏ।

ଆଦିବାସୀ ଦେବତା ମଣିଷଙ୍କ ଭଳି ଟିକେ ଟିକେକରେ ରାଗେ, ରାକିକି ସନ୍ତୁଷ୍ଟ ହୁଏ। ରାଗିଲେ ପ୍ରତିଶୋଧ ନିଏ, ସନ୍ତୁଷ୍ଟ ହେଲେ ସବୁ କିଛି ଦିଏ। ସନ୍ତୁଷ୍ଟ କରିବା ପାଇଁ ଏମାନେ ଶସ୍ୟ ଅର୍ପଣ କରନ୍ତି, ମଦ ଢାଳନ୍ତି।

ଆଦିବାସୀ ମଣିଷ ତା ପରିବାରବର୍ଗ ପାଇଁ ସମଗ୍ର ଜୀବନକୁ ଅଜାଡ଼ି ଦିଏ। କିନ୍ତୁ ମୃତ୍ୟୁ ପରେ ବି ଡୁମା ହୋଇ ପରିବାରକୁ ଦେଖୁଥାଏ। ତା' ପରିବାରର ବିକାଶ ଦେଖେ। ଢେର ପୁଅ ଝିଅ ପୁଣି ସେମାନଙ୍କ ପୁଅଝିଅ, ଗୋଠ ଭର୍ତ୍ତି ଗାଈଗୋରୁ ସବୁ ଦେଖି ଖୁସି ହେଉଥାଏ। ଏମାନଙ୍କୁ ଆଶୀର୍ବାଦ କରୁଥାଏ ସର୍ବଦା।

ନାରୀ ଆଦିବାସୀ ସମାଜରେ ମର୍ଯ୍ୟାଦାର ସହ ବଞ୍ଚିପାରେ। ସ୍ୱଚ୍ଛନ୍ଦରେ ନିଜର ପ୍ରେମ ପ୍ରକାଶ କରିପାରେ। ତା' ମନ ପସନ୍ଦର ପୁରୁଷ ବାଛିନେଇପାରେ। ପର୍ବପର୍ବାଣୀରେ ନିଜ ଅନୁସାରେ ଗାଇ ପାରେ, ନାଚି ପାରେ, ମଦ ପିଏ। ପର୍ବପର୍ବାଣୀର ଅଭିନ୍ନ ଅଙ୍ଗ ହୋଇପାରେ। ସଭା ସମିତିରେ ଭାଗ ନେଇ ପାରେ। ନିଜସ୍ୱ ମତ ପ୍ରକାଶ କରିପାରେ। ଜୀବନସାଥୀ ପ୍ରତି ମନ ଊଣା ହେଲେ ତାକୁ ଛାଡ଼ି ଅନ୍ୟ ପୁରୁଷକୁ ସାଥୀ କରିପାରେ। ତା' ସମାଜ ତା' ସହ ଠିଆ ହୁଏ। ବାଘ ଖାଇଯାଇଥିବା ପତ୍ନୀ ବିହୁନେ ଅନ୍ୟ ଜଣଙ୍କର ପତିକୁ ବାଘ ଖାଇଥିଲେ ସିଏ ତାକୁ ବିବାହ କରିପାରେ।

ଆଦିବାସୀ ସମାଜରେ ନାରୀ ଜୀବନରେ ହାର ମାନେନା। ସିଏ ବଞ୍ଚିବା ପାଇଁ ଲଢ଼େ। ଲଢ଼େଇରେ ସୁଆଦ ଅନୁଭବ କରେ। ପୁରୁଷ ସହ କାନ୍ଧ ମିଳାଇ ଶ୍ରମ କରେ।

ଶ୍ରମ ଉତ୍ପାଦନର ସଂସ୍କୃତ ହେଉଛି ଆଦିବାସୀ ସଂସ୍କୃତି। ପୃଥିବୀକୁ ଫସଲ ଭରା କରିବାର ସ୍ୱପ୍ନରେ ବିଭୋର ସିଏ। ଆଖିର ଦୃଶ୍ୟମାନ ସୀମା ପର୍ଯ୍ୟନ୍ତ ସିଏ ତା ଫସଲ ଭରା କ୍ଷେତ ଦେଖିବାର କଳ୍ପନାରେ ମୁଗ୍ଧ ହୁଏ।

ପ୍ରାଣ ଭୋଗ ଆଦିବାସୀ ଜୀବନର ସବୁଠୁ ବଡ଼ ବୈଶିଷ୍ଟ୍ୟ। ଯୌବନକୁ ଭୋଗ କରିବାର, ଭୋଗ କରିବାର ପ୍ରବଣତା ଏ ମଣିଷକୁ ଅଲଗା କରି ଠିଆ କରାଏ। ବାର୍ଦ୍ଧକ୍ୟରେ ଉପନୀତ ଜଣେ ମଣିଷ ତଥାପି ଗୋଟେ ଦିନ ବଞ୍ଚିଛି। ଆଜିର ଏ ଜୀବନକୁ ତେଣୁ ବଞ୍ଚିବାକୁ ଚେଷ୍ଟା କରେ ସିଏ। ମନେ କରେ ଜୀବନ ଅଛି ବୋଲି ସିନା ସବୁ ଅଛି।

ସାମ୍ନାରେ ମୃତ୍ୟୁ । ଅଥଚ ଭୟ ନାହିଁ । ଜୀବନର ସୁରଟିଏ ବଜାଇପାରେ । ଆଶା କରେ ପୁରୁଣା ଶରୀର ତ ଯିବ । ଯାହା ପୁଣି ନୂଆ ହୋଇ ଫେରିଆସିବ ।

ଜୀବନ ପ୍ରତି ଏତେ ବେଶି ଆସ୍ଥା ଏ ମଣିଷର କୌଳିନ୍ୟର ବିଷୟ ନିଶ୍ଚୟ ।

ଗଦ୍ୟ ମହାକାବ୍ୟର କାଳଜୟୀ ଉପାଦାନ ସବୁ ଆଦିବାସୀ ଜୀବନରେ ପରିଦୃଶ୍ୟମାନ ।

ଲୋକ ବିଶ୍ୱାସ ଲୋକଗଳ୍ପର ଅନ୍ୟତମ ବୈଶିଷ୍ଟ୍ୟ । ରୋଗ ବ୍ୟାଧି ପାଙ୍ଗନ ନାଶନ ଆଦିର ସେ କାରଣ ।

ଗୁଣି ଗାରେଡ଼ି ମନ୍ତ୍ର ତନ୍ତ୍ର ଦ୍ୱାରା ସବୁ ସମ୍ଭବ ବୋଲି ଏମାନଙ୍କ ବିଶ୍ୱାସ । ବଳି ପ୍ରଥା ମଧ୍ୟ ଏମାନଙ୍କ ବିଶ୍ୱାସର ଅନ୍ୟ ଏକ ଦିଗ । ବଳି ଦ୍ୱାରା ଦେବୀ ସନ୍ତୁଷ୍ଟ ହୋଇ ମଙ୍ଗଳ କରିଥାନ୍ତି ବୋଲି ଏମାନେ ଧରିନିଅନ୍ତି ।

ଶିବ ପାର୍ବତୀଙ୍କ ବିଷୟ କିମ୍ବା ରାମାୟଣ ପ୍ରସଙ୍ଗ ଆଦି ଆଦିବାସୀ ଗଳ୍ପରେ ସ୍ଥାନିତ । ମଣିଷ ସହିତ ପଶୁ ପକ୍ଷୀ ବଣ ପାହାଡ଼ ଇତ୍ୟାଦି ଲୋକଗଳ୍ପର ଚରିତ୍ର । ତେବେ ସମସ୍ତଙ୍କ ଭିତରେ ମଣିଷର ଚରିତ୍ର ଆରୋପଣ କରାଯାଇଥାଏ ।

ଲୋକଗଳ୍ପଗୁଡ଼ିକର କଳାଗତ ମୂଲ୍ୟ ରହିଛି । ଏଥିରେ ମଧ୍ୟ କଥନକାର କଥା ପ୍ରସଙ୍ଗରେ ବିଭିନ୍ନ ରସ ପରିବେଷଣ ସହିତ ବିଷୟକୁ ଜୀବନ୍ତ କରିପାରିନ୍ତି ।

ଲୋକଗଳ୍ପରେ ଲୋକ ସମାଜ ଓ ଲୋକସଂସ୍କୃତି ଦେଖିବାକୁ ମିଳେ । ଯାହା ଆମ କଥା ସାହିତ୍ୟର ଆଦିରୂପ ଭାବରେ ଗ୍ରହଣ କରିବାକୁ ସୁଯୋଗ ଦିଏ ।

କଥା ସାହିତ୍ୟର ସବୁ ଉପାଦାନ ଯଥା - କାହାଣୀ, ଚରିତ୍ର, ଭାଷା, ଶୈଳୀ ପଟ୍ଟଭୂମି, ବର୍ଣ୍ଣନା, ସଂଳାପ, ପ୍ରଭୃତି ଲୋକଗଳ୍ପଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳେ ।

ଲୋକଗଳ୍ପ ପ୍ରୟାସ ସମ୍ଭୂତ ନୁହେଁ, ଏହା କଥନକାରଙ୍କ ସ୍ୱତଃସ୍ଫୂର୍ତ୍ତ ବର୍ଣ୍ଣନା । ଲୋକଗଳ୍ପରେ ରୂପକ ଗଳ୍ପ, ଗାଲୁ ଗଳ୍ପ, ନୀତିମୂଳକ ଗଳ୍ପ ପ୍ରଭୃତି ରହିଛି ଯାହାକି ପାଲି ଜାତକ କଥା, ପଞ୍ଚତନ୍ତ୍ର, ବେତାଳ ପଞ୍ଚବିଂଶତି, ବତ୍ରିଶ ସିଂହାସନ, ହିତୋପଦେଶ ପ୍ରଭୃତି ଗଳ୍ପ ସହିତ ସାମଞ୍ଜସ୍ୟ ପରିଲକ୍ଷିତ ।

ଲୋକଗଳ୍ପର ଅନ୍ୟତମ ରୂପ ହେଉଛି ଓଷାବ୍ରତ କଥା । ଓଷାବ୍ରତ ପାଳନରେ ସନ୍ତାନସନ୍ତତି, ଧର୍ମ, ଐଶ୍ୱର୍ଯ୍ୟ, ସୁଖ ସୌଭାଗ୍ୟ ସବୁ ପ୍ରାପ୍ତି ହେବାର ଓ ପାଳନ ନ କରିବା ଦ୍ୱାରା ଅନିଷ୍ଟ ହେବାର ଭୟ ମଧ୍ୟ ଦେଖିବାକୁ ମିଳେ । ଏହା ଐଶୀ ମହିମା ପ୍ରଚାରରେ ମୁଖ୍ୟତଃ ପ୍ରଚାରଧର୍ମୀ ଗଳ୍ପ ଭାବରେ ଅବହିତ । ସ୍ତ୍ରୀ ଲୋକଙ୍କ ଦ୍ୱାରା ଏହା ବେଶି ଭାବରେ ପାଳିତ । ଏହାର ବର୍ଣ୍ଣନା ଶୈଳୀ ଗଦ୍ୟ ପଦ୍ୟାତ୍ମକ ।

ଲୋକଗଳ୍ପଗୁଡ଼ିକ ପ୍ରାଚୀନ ସାହିତ୍ୟରେ ମଧ୍ୟ ଦେଖିବାକୁ ମିଳେ । ସାରଳା ମହାଭାରତରେ ସାହାଡ଼ା ବର କଥା, ସତ୍ୟ ଆମ୍ବ କଥା, ବିଲୁଆ ଦମ୍ପତିକଥା, କୋକୁଆ ଭୟ କଥା ପ୍ରଭୃତି ସହ ଦାଣ୍ଡୀ ରାମାୟଣର ଗୁଣ୍ଡୁଚିମୂଷା ଉପାଖ୍ୟାନ, କୁକ୍କୁଟୀର ବରଲାଭ କଥା ଆଦି ସହି ଭାଗବତରେ ବିଭିନ୍ନ ଗଳ୍ପର ଉପସ୍ଥାପନା ରହିଛି ଏହା ଲୋକଗଳ୍ପର ପ୍ରଭାବ ।

'ମାଦଳାପାଞ୍ଜି'ରେ ବିଭିନ୍ନ କାହାଣୀ ଲିପିବଦ୍ଧ ହୋଇ ରହିଛି। ଏଥିରେ ପାଞ୍ଜି ଲେଖିବାର ଶୈଳୀର ସୀମାବଦ୍ଧତା ଥିବାରୁ କାହାଣୀଗୁଡ଼ିକ ଯଦିଓ ଆକର୍ଷଣୀୟ ଶୈଳୀରେ ନାହିଁ, ତେବେ ବି ଚୋଡ଼ଗଙ୍ଗ ଦେବଙ୍କ ବିଷୟରେ , ଶିବେଇ ସାନ୍ତରାଙ୍କ ଖିରିଖାଇବା, କାଶିଆ କପିଳା ଭେଟ, ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ପ୍ରଭୃତି କଥାଗୁଡ଼ିକ କାହାଣୀ ଜଗତରେ ବହୁମୂଲ୍ୟ।

'ଚକଡ଼ା ପୋଥି', 'ଚଇନି ଚକଡ଼ା' କିମ୍ବା 'ଗୁମୁସର ରାଜବଂଶାବଳୀ' ର କାହାଣୀଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

'ସେମାନାଥ ବ୍ରତକଥା' କଥା ସାହିତ୍ୟରେ ବିଶେଷ ସ୍ଥାନ ଅଧିକାର କରେ। ଏହାକୁ ମଧ୍ୟ 'ବଡ଼ଓଷା' କୁହାଯାଏ। ଓଷା ବ୍ରତ ବିଶେଷ କରି ସ୍ତ୍ରୀମାନଙ୍କ ଦ୍ୱାରା ପାଳିତ ହେଉଥିବାବେଳେ 'ବଡ଼ଓଷା'କୁ ଉଭୟ ପୁରୁଷ ଓ ସ୍ତ୍ରୀମାନେ ପାଳନ କରନ୍ତି। ବ୍ରତନିନ୍ଦା ଦ୍ୱାରା ଅନିଷ୍ଟ ଓ ବ୍ରତପାଳନ ପରେ ପୁର୍ନଥଇଥାନରେ ଗଳ୍ପର ଆରମ୍ଭ ଓ ଶେଷ। ତେବେ ଏସବୁ ଭିତରେ ସମକାଳୀନ ସମାଜ ଦେଖିବାକୁ ମିଳେ।

ସଂସ୍କୃତ ସାହିତ୍ୟରେ ସୁବନ୍ଧୁଙ୍କର 'ବାସବଦତ୍ତା' ଓ ବାଣଭଟଙ୍କର 'ହର୍ଷ ଚରିତ' ଓ 'କାଦମ୍ବରୀ'ରୁ, କଥା ସାହିତ୍ୟର ଆରମ୍ଭ ହୁଏ। ସୋମଦେବଙ୍କ କଥା ସାହିତ୍ୟ ସାଗର'ର କଥାବସ୍ତୁ 'କାଦମ୍ବରୀ' ରେ ଗ୍ରହଣ କରାଯାଇଛି। ଦଣ୍ଡୀଂକ 'ଦଶକୁମାର ଚରିତ' ଗୁଣାଧ୍ୟଂକ 'ବୃହତକଥା' କ୍ଷେମେନ୍ଦ୍ରଙ୍କ ବୃହତ୍ 'କଥା ମଞ୍ଜରୀ', ଶିବଦାସଙ୍କ 'ବେତାଳ ପଞ୍ଚ ବିଂଶତିକା' ଓ 'ସିଂହାସନ' ଦ୍ୱାତ୍ରିଶିଂକା ପ୍ରଭୃତି ସଂସ୍କୃତର ଏକ ଏକ ଶ୍ରେଷ୍ଠ କଥାକୃତି। ଚିନ୍ତାମଣି ଭଟ୍ଟଙ୍କ 'ଶୁକ ସପ୍ତତି' ରେ ମଧ୍ୟ ଶୁକ ଦ୍ୱାରା କୁହାଯାଇଛି ସତୁରୀଟି ଗଳ୍ପ। ଗଳ୍ପ ଦ୍ୱାରା ବିପଥ ଗମନରୁ ନାରୀଟିକୁ ରକ୍ଷା କରାଯାଇଛି।

ଓଡ଼ିଆରେ ଅନୁଦିତ 'ବତ୍ରିଶ ସିଂହାସନ କଥା' ମୂଳ ସଂସ୍କୃତ ଗ୍ରନ୍ଥ ଦ୍ୱୟ 'ସିଂହାସନ ଦ୍ୱାତ୍ରିଂଶିକା' ଓ 'ବେତାଳ ପଞ୍ଚବିଂଶତି'ର ଅନୁସରଣ କରି ରଚନା କରାଯାଇଛି। ଏଥିରେ ଗୋଟିଏ ମୂଳ ଗଳ୍ପରୁ ଅନେକ ଶାଖା ଗଳ୍ପ କଡ଼ି ଭାବରେ ଲଗାଲଗି ହୋଇ ଲମ୍ବି ରହିଛି ଯାହା 'ଚତୁର ବିନୋଦ'ର କଥା ଗୁଚ୍ଛର ଶୈଳୀ ଭଳି।

'ବତ୍ରିଶ ସିଂହାସନ' କଥା ଓଡ଼ିଆରେ ଅନୁବାଦ କରୁଛନ୍ତି ସଟନ୍ ସାହେବ। 'ଶୁକସପ୍ତତି କଥା' ଓ 'ବେତାଳ ପଞ୍ଚବିଂଶତି'ର ଅନୁବାଦକ କପିଳେଶ୍ୱର ବିଦ୍ୟାଭୂଷଣ। ଅନୁଦିତ ଗ୍ରନ୍ଥ ଦୁଇଟିର ନାମ ଥିଲା 'ଶୁକ ବିଳାସ' ଏବଂ 'ବତ୍ରିଶ ସିଂହାସନ କଥା'। 'ହିତୋପଦେଶ' ମଧ୍ୟ ଓଡ଼ିଆରେ ଅନୁଦିତ ହୋଇ ପ୍ରକାଶିତ ହେଲା।

ଇସ୍ଲାମିକ୍ ସାହିତ୍ୟର ଅନୁବାଦ ଓଡ଼ିଆ କଥା ସାହିତ୍ୟକୁ ସମୃଦ୍ଧ କରିଛି। ଆରବୀ, ଫାର୍ସୀ, ଉର୍ଦ୍ଦୁ ଭାଷାରୁ ବହୁ ଗ୍ରନ୍ଥ ଅନୁଦିତ। ଆରବ୍ୟ କାହାଣୀ, ପାରସିକ ଉପନ୍ୟାସ, ଲୈଲା – ମଜନୁ ପ୍ରେମ କଥା ପ୍ରଭୃତି ଆମ କଥା ସାହିତ୍ୟକୁ ଋଦ୍ଧିମନ୍ତ କଲା।

ବଙ୍ଗଳା କାହାଣୀ ଖ୍ରୀଷ୍ଟିୟାନ ପାଦ୍ରୀ ରେଭରେଣ୍ଡ ଜେ. ଷ୍ଟଭିନ୍ସ ହାନା କ୍ୟାଥେରିନ୍ଙ୍କ 'ଫୁଲମନି ଓ କରୁନାର ବିବରନ୍'ର ଓଡ଼ିଆ ଅନୁବାଦ କରିଥିଲେ।

ଓଡ଼ିଆରେ ଭକ୍ତକବି ମଧୁସୂଦନ ରାଓଙ୍କ 'ପ୍ରଣୟର ଅଦ୍ଭୁତ ପରିଣାମ' ଓ ରାଧାନାଥଙ୍କ 'ଇତାଲୀୟ ଯୁବା' ବିଦେଶୀ ସାହିତ୍ୟ ଅନୁସରଣରେ ରଚିତ ବଡ଼ ଗଳ୍ପ ଦୁଇଟି।

ପ୍ରାଚୀନ ଓଡ଼ିଆ କଥା ସାହିତ୍ୟ ଏକ ବଳିଷ୍ଠ ପରମ୍ପରା ଦ୍ୱାରା ସୁସମୃଦ୍ଧ।

## ୧.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) ଲୋକ କାହାଣୀ

(ଖ) ମୌଖିକ ସାହିତ୍ୟ

(ଗ) ଆଦିବାସୀ ସମ୍ପ୍ରଦାୟ

(ଘ) ମାଦଳା ପାଞ୍ଜି

(ଙ) ସୋମନାଥ ବ୍ରତକଥା

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ଲୋକକଥାର ସୃଷ୍ଟି ସମ୍ପର୍କରେ ଆଲୋଚନା କର।

(ଖ) ଲୋକଗଳ୍ପର ବୈଶିଷ୍ଟ୍ୟ ଆଲୋଚନା କର।

## ୧.୬ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଗଳ୍ପ ଉନ୍ମେଷ ଓ ଉତ୍ତରଣ - ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨ୟ ସଂସ୍କରଣ ୨୦୧୫।
- ଓଡ଼ିଆ ଉପନ୍ୟାସ - କୃଷ୍ଣ ଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ,୨୦୧୩।
- ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ସ୍ୱରୂପ - କୁମୁଦରଞ୍ଜନ ପାଣିଗ୍ରାହୀ - ଫ୍ରେଣ୍ଡସ୍ ପବ୍ଲିଶର୍ସ, ୬ଷ୍ଠ ସଂସ୍କରଣ, ୨୦୧୬।

# ଦ୍ୱିତୀୟ ଏକକ : ମଧ୍ୟଯୁଗୀୟ

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ କଥା ସାହିତ୍ୟର ମଧ୍ୟଯୁଗ
୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୬ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

କଥା ସାହିତ୍ୟ ଆଧୁନିକ ସାହିତ୍ୟର ଏକ ବଳିଷ୍ଠ ବିଭାଗ। ପାଠକର ମନୋରଂଜନ ଏହାର ଉଦ୍ଦେଶ୍ୟ ନୁହେଁ; ସମାଜ ସଂସ୍କାର ଭଳି ମହତ୍ତର ଉଦ୍ଦେଶ୍ୟକୁ ନେଇ ଏହାର ପରିକଳ୍ପନା। ଯେଉଁ ସମାଜ ଓ ସାମାଜିକ ସମସ୍ୟାକୁ ନେଇ କଥା ସାହିତ୍ୟର ପରିକଳ୍ପନା କରାଯାଇଥାଏ, ସେହି ଉପନ୍ୟାସ ମଧ୍ୟରେ ସାମାଜିକ ବିବର୍ତ୍ତନର ଧାରା ମଧ୍ୟ ପ୍ରକଟିତ ହୋଇଥାଏ। ତେଣୁ ସାହିତ୍ୟର ଅନ୍ୟାନ୍ୟ ବିଭାବମାନଙ୍କଠାରୁ କଥା ସାହିତ୍ୟ ଅଧିକ ଚର୍ଚ୍ଚିତ ଓ ଗତିଶୀଳ ମନେ ହୋଇଥାଏ। ଆମେ ଏହି ଏକକରେ ଆଲୋଚନା କରିବା କଥା ସାହିତ୍ୟର ଦ୍ୱିତୀୟ ପର୍ଯ୍ୟାୟ ବିଷୟରେ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ଆମେ ଜାଣିବାକୁ ପାଇବା।

- ଓଡ଼ିଆ କଥା ସାହିତ୍ୟର ମଧ୍ୟଯୁଗ
- କଥା ସାହିତ୍ୟରେ ଶୃଙ୍ଗାର ରସ ଚିତ୍ରଣ
- 'ଚତୁର ବିନୋଦ'

## ୨.୩ ବିଷୟ ପ୍ରବେଶ

ମଣିଷ ହିଁ କଥା ସାହିତ୍ୟର କେନ୍ଦ୍ରବିନ୍ଦୁ। ମଣିଷର ସାମାଜିକ ସତ୍ତା ସହିତ କଥା ସାହିତ୍ୟର ଘନିଷ୍ଠ ସମ୍ପର୍କ ରହିଥାଏ। କଥା ସାହିତ୍ୟ ଦ୍ୱାରା ଭାରତୀୟ ସମାଜ, ସାହିତ୍ୟ ଓ ସାଂସ୍କୃତିକ ଚେତନାରେ ଆଲୋଡ଼ନ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା। ମଧ୍ୟ ପର୍ଯ୍ୟାୟର କଥା ସାହିତ୍ୟରେ ଉଲ୍ଲେଖନୀୟ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିଷୟ ଜୀବନକୁ ବିଶେଷ ଭାବେ ପଭାବିତ କରିଥିଲା। ଏହି ସମୟର କଥା ସାହିତ୍ୟ ଉପଦେଶାତ୍ମକ ଓ ସାମାଜିକ ସଂସ୍କାରମୂଳକ।

## ୨.୪ କଥା ସାହିତ୍ୟର ମଧ୍ୟଯୁଗ

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଦୀନକୃଷ୍ଣ ଦାସଙ୍କ 'ପ୍ରସ୍ତାବସିନ୍ଧୁ' ପଦ୍ୟ ପୁସ୍ତକ ହେଲେ ହେଁ ଅନେକଟା ଉପଦେଶାତ୍ମକ ଗଳ୍ପ ଦେଖିବାକୁ ମିଳେ । ସଂସ୍କୃତ କଥା ସାହିତ୍ୟରୁ ଗ୍ରହଣ ଯାଇ ଏ ଗଳ୍ପଗୁଡ଼ିକ ବେଶ୍ ପ୍ରଭାବଶାଳୀ । ନୀଳବର୍ଣ୍ଣ ଶୃଗାଳ, ବିଧବା ବ୍ରାହ୍ମଣୀ, କାକ-ରାଜହଂସ ପ୍ରଭୃତି ଗଳ୍ପଗୁଡ଼ିକ ସଂସ୍କୃତ ସାହିତ୍ୟର ଅନୁକରଣ କରିବ ।

ସଂସାର ବୈରାଗୀ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ରଚିତ 'ରୁଦ୍ରସୁଧାନିଧି' ଗ୍ରନ୍ଥଟିର ରଚୟିତା । **ଯେକାମ୍ୱର** ବନ ଭୁବନେଶ୍ୱରର ସିଏ ଆଚାର୍ଯ୍ୟ ଥିବାର ପ୍ରମାଣିତ । ଏ କୃତିଟି ଶୈବ ସାହିତ୍ୟ ଭାବରେ ସୁବିଦିତ ହେଲେ ସୁଦ୍ଧା ଏହା ଅନ୍ୟ ଧର୍ମମାନଙ୍କ ପ୍ରତି ଉଦାର । ଶିବ ଭକ୍ତ ଯୋଗୀ କୃଷ୍ଣ ଓ ଜଗନ୍ନାଥଙ୍କ ଦୟା କାମନା କରିଛନ୍ତି ।

'ରୁଦ୍ରସୁଧାନିଧି' ଶୈବ ସାହିତ୍ୟ ହେଲେ ସୁଦ୍ଧା ଏଥିରେ ରୀତିଯୁଗୀୟ ଶୈଳୀରେ ଶୃଙ୍ଗାରର ବାସ୍ତବ ବର୍ଣ୍ଣନା ନିଚ୍ଛକ ଭାବରେ ରହିଛି । ଭ୍ରମରମାନେ ପଦ୍ମରେ ରହିବା, ମହାଗଜମାନଙ୍କ ରମଣ ଅଯୋଗ୍ୟା ହସ୍ତିନୀମାନେ ଉନ୍ନତ ଦିଶିବା ଇତ୍ୟାଦି ଶୃଙ୍ଗାରରିକ ବର୍ଣ୍ଣନା ଏକୃତିଟିକୁ ଅଧିକ ସାହିତ୍ୟ ଧର୍ମରେ ଦୀକ୍ଷିତ କରାଇଛି । ଋତୁ ବର୍ଣ୍ଣନାରେ ବସନ୍ତକୁ ରୀତିଯୁଗୀୟ ଶୈଳୀରେ ଆଗମନ କରାଇବା ଅନ୍ୟ ଏକ ବୈଶିଷ୍ଟ୍ୟ ।

ଉପରୋକ୍ତ କୃତିଟିରେ ଅବଧୂତ ସ୍ୱାମୀଙ୍କ ବହୁ ଶାସ୍ତ୍ରଦର୍ଶିତାର ପ୍ରମାଣ ମିଳେ । ଜ୍ୟୋତିଷ ଶାସ୍ତ୍ର, ଶକୁନ ଶାସ୍ତ୍ର, ଯୁଦ୍ଧ ବିଦ୍ୟା ପ୍ରଭୃତିରେ ସେ ବିଶେଷ ଜ୍ଞାନର ପରିଚୟ ଦେଇଥିବାବେଳେ କାବ୍ୟ, ମହାକାବ୍ୟ, ବ୍ୟାକରଣ ଶାସ୍ତ୍ର ଉପରେ ମଧ ବିଶେଷ ଆଲୋଚନା ସବୁ 'ରୁଦ୍ର ସୁଧାନିଧି' ଗ୍ରନ୍ଥଟିକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରେ । ଏହା ଯେକୌଣସି ସାଧାରଣ ପାଠକର ବୁଝିବାର ଉର୍ଦ୍ଧ୍ୱରେ । ପଣ୍ଡିତ ଜନ, ଗୁଣୀଜନ ହିଁ ଏହାର ଅଧ୍ୟୟନରେ ସଫଳରେ ହୋଇପାରିଛି ।

'ରୁଦ୍ରସୁଧାନିଧି' ର ରଚନା ଶୈଳୀଟି ପଦ୍ୟାତ୍ମକ ଗଦ୍ୟ ଶୈଳୀ । ଏଥିରେ ଅଳଙ୍କାରର ବହୁଳ ପ୍ରୟୋଗ ରହିଛି । କଳ୍ପନାଚାତୁର୍ଯ୍ୟ ସହ ନାୟକ ନାୟିକାଙ୍କ ରୂପ ବର୍ଣ୍ଣନା ମଧ୍ୟଯୁଗୀୟ । ଏପରିକି ଶିବସ୍ତୁତିରେ ମଧ ନାରୀ ଅଙ୍ଗ ସୌଷ୍ଠବର ଉଲଗ୍ନ ବର୍ଣ୍ଣନା ଏ କାବ୍ୟଟିରେ ଦେଖିବାକୁ ମିଳେ । ପ୍ରକୃତି ଶୃଙ୍ଗାର ରସର ଉଦ୍ଦୀପନା ନିମିତ୍ତ ପ୍ରଯୁକ୍ତ ।

'ରୁଦ୍ରାସୁଧାନିଧି' କୃତିଟିର ସାହିତ୍ୟିକ ମୂଲ୍ୟ ରହିଛି । ଏହା ମଧ ଗଦ୍ୟ ସାହିତ୍ୟରେ ଏକ ବିଶେଷ ଅବଦାନ ।

ସଂସ୍କୃତ ଗ୍ରନ୍ଥ 'ବେତାଳ ପଞ୍ଚବଂଶତି' ସିଂହାସନ ଦ୍ୱାତ୍ରିଂଶକା ବା 'ବିକ୍ରମାର୍କ ଚରିତ' ର ମୂଳ କାହାଣୀ ଓଡ଼ିଆ 'ବତ୍ରିଂଶ ସିଂହାସନ'ର ମୂଳ ବିଷୟ । ଏହାର ଲେଖକ ଶିବ ଦାସ । ଏହି ଶିବ ଦାସ ସଂସ୍କୃତ ପଣ୍ଡିତ ଥିବାର ଅନୁମେୟ । ବତିଶ ଗୋଟି କାହାଣୀ ଦ୍ୱାରା ଖଞ୍ଜା ହୋଇଥିବା ଏ ଗ୍ରନ୍ଥଟିରେ ରାଜା ବିକ୍ରମାଦିତ୍ୟଙ୍କ ମହାନତା ବା ଶ୍ରେଷ୍ଠତା ପ୍ରଦର୍ଶିତ । ରାଜା ଭୋଜରାଜ ଏହି ସିଂହାସନରେ ବସିବାକୁ ଇଚ୍ଛା କରୁଥିବା ସମୟରେ ସିଂହାସନର ଗୋଟିଏ ପୁତ୍ତଳିକା ଗୋଟିଏ କାହାଣୀ କହୁଛି, ପ୍ରଶ୍ନ ପଚାରୁଛି ତା'ର ସଠିକ ଉତ୍ତର ଦେଉଛନ୍ତି ରାଜା । ପୁତ୍ତଳିକା ମାନଙ୍କ ଇଚ୍ଛା ଯଦି ଭୋଜରାଜ ବିକ୍ରମାଦିତ୍ୟଙ୍କ ପରି ଜ୍ଞାନୀ ଗୁଣୀ ଓ ମହାନ୍‌ବୀର ଭାବରେ ନିଜକୁ ପ୍ରମାଣ କରିପାରିବେ ତେବେ ଏହି 'ବତିଶ ସିଂହାସନ'ରେ ଅଳଙ୍କୃତ ହେବାର ସୌଭାଗ୍ୟ ପ୍ରାପ୍ତ ହେବେ ।

କାହାଣୀଗୁଡ଼ିକ ଉପଦେଶାତ୍ମକ ଓ ସାମାଜିକ ସଂସ୍କାରମୂଳକ । କାହାଣୀ ପରସ୍ପର ସହିତ ସଂଯୋଜିତ । ତେବେ ଏହା ଆନନ୍ଦ ଦାୟକ । କାହାଣୀର ଖିଅ ବତ୍ରିଶଟି ଗଳ୍ପ ଶେଷ ହେବା ପର୍ଯ୍ୟନ୍ତ ଅତ୍ୟନ୍ତ । ତେଣୁ ବର୍ଣ୍ଣନାଶୈଳୀଟି ନିହାତି ଆକର୍ଷଣୀୟ । ସାହିତ୍ୟ ଆନନ୍ଦ ପ୍ରଦାନ କରିପାରିଲେ ତା'ର ସାହିତ୍ୟିକ ମୂଲ୍ୟ ବେଶ୍ ଉତ୍କୃଷ୍ଟ ମନେ କରାଯାଏ ।

ସଂସ୍କୃତ ସାହିତ୍ୟରୁ ଏହି କୃତିଟି ଅନୁଦିତ ହେଲେ ସୁଦ୍ଧା କାହାଣୀର ବିଧିବଦ୍ଧ ରଚନାର ଅୟମାରମ୍ଭ ଏଠାରେ ଦେଖିବାକୁ ମିଳେ । ଭାଷା ଓ ଶୈଳୀ ଦୃଷ୍ଟିରୁ ଏହା ଉଚ୍ଚମାନର ବୋଲି ବିବେଚିତ । ସଂସ୍କୃତ ଭାଷାର ଲୋକମୁଖରେ ପ୍ରଚଳିତ ରୂପ ଏଠାରେ ପ୍ରୟୋଗ କରାଯାଇଛି । ତେବେ ମଧ୍ୟ ଏହାର ବର୍ଣ୍ଣନା ଅତି ସରଳ ଓ ସୁବୋଧ । ଗଳ୍ପଗୁଡ଼ିକର ଆକର୍ଷଣ ଏତେ ଯେ ଭାଷା, ଶୈଳୀ କିମ୍ବା ବ୍ୟାକରଣ ନିୟମ ପ୍ରଭୃତି ଉର୍ଦ୍ଧ୍ୱରେ ଏସବୁର ପ୍ରଭାବ ପାଠକ ମନରେ ଚିର ଅମ୍ଳାନ ।

'ବତ୍ରିଶ ସିଂହାସନ' କୃତିଟି ଓଡ଼ିଆ ସାହିତ୍ୟରେ କଥା ପରମ୍ପରାରେ ଏକ ବଳିଷ୍ଠ ସ୍ଥାନ ଦାବି କରେ ସର୍ବଦା ।

'ଚତୁର ବିନୋଦ'ର ରଚୟିତା କବି ବ୍ରଜନାଥ ବଡ଼ଜେନା । ଏହାର ଭାଷା ଆଗର ସଂସ୍କୃତ ପ୍ରାଧାନ୍ୟଥିବା କୃତି ଠାରୁ ବେଶି ପରିମାଣରେ ଆଧୁନିକ । ରୀତିଯୁଗୀୟ ହେଲେ ମଧ୍ୟ କବି ଏ ସବୁରୁ ମୁକ୍ତ ହୋଇ ଏହି କାବ୍ୟକୃତିଟି ଏକ ସ୍ୱତନ୍ତ୍ର ସ୍ଥାନ ଦେଇପାରିଛନ୍ତି । ଗଳ୍ପକଥନ ଭଙ୍ଗୀରେ ଏହାକୁ ସେ ରଚନା କରିଛନ୍ତି । ଗଳ୍ପ ଉପରେ ଆଉ ସବୁ ଗଳ୍ପଗୁଡ଼ିକ ଗୁନ୍ଥିଦେବାରେ ସେ ନିଜ ପ୍ରତିଭାର ଏକ ବଳିଷ୍ଠ ଦିଗକୁ ପ୍ରମାଣିତ କରିଛନ୍ତି । ତତ୍କାଳୀନ ସାମାଜିକ ଜୀବନଚିତ୍ର ଏହି ରଚନାକୃତିର ମାନ ବୃଦ୍ଧି କରେ । ସଂସ୍କୃତ ଭାଷା ପ୍ରଭାବରୁ ମୁକ୍ତ ହୋଇ ଏ ସାହିତ୍ୟିକ କୃତିଟି ଆଧୁନିକ ଓଡ଼ିଆ ଭାଷା ପ୍ରତିଷ୍ଠାରେ ସହାୟକ ।

ଚାରୋଟି ବିନୋଦର ସମାହାରରେ ଚତୁର ବିନୋଦ ରଚିତ । ତାହା ହେଲା ହାସ, ରସ, ନୀତି ଓ ପ୍ରୀତି ବିନୋଦ । ନାୟକ ମୋହନାଙ୍ଗ ଓ ନାୟିକା ଚଞ୍ଚଳାକ୍ଷୀଙ୍କ ପ୍ରେମକାହାଣୀ ଏହି କୃତିଟିର ଉପଜୀବ୍ୟ । ମୂଳ ଗଳ୍ପ ସହିତ ଅନ୍ୟାନ୍ୟ ଶାଖା ଗଳ୍ପ ମିଶି ସର୍ବମୋଟ ଅଠରଗୋଟି ଗଳ୍ପରେ ଏହା ସୁସମୃଦ୍ଧ । ମାନବ ସହିତ ମାନବେତର ଚରିତ୍ର ଏସବୁ ଗଳ୍ପଗୁଡ଼ିକର ଚରିତ୍ର ସବୁ । ପଞ୍ଚତନ୍ତ୍ର କିମ୍ବା 'ହିତୋପଦେଶ'ର ପ୍ରଭାବ 'ଚତୁର ବିନୋଦ' ଉପରେ ସ୍ପଷ୍ଟ ଜଣାପଡ଼େ । ଏସବୁ ଚରିତ୍ର ନେଇ ମଣିଷର ପ୍ରେମାନୁଭବକୁ ବର୍ଣ୍ଣନା କରାଯାଇଛି । ତେଣୁ ଏଥିର ପ୍ରେମ ବର୍ଣ୍ଣନା ବେଶି ଗୁଣରେ ଅତ୍ୟନ୍ତ ଉଲଗ୍ନ । ସିଧାସଳଖ ବକ୍ତବ୍ୟରେ ଦେହ ଓ ଦେହଜ ପ୍ରତିକ୍ରିୟା ସବୁ ନିଚ୍ଛକ ଭାବରେ ବର୍ଣ୍ଣନା କରାଯାଇଛି । ଅନ୍ୟ ତିନୋଟି ବିନୋଦର ବିଷୟବସ୍ତୁ ଗୁରୁତ୍ୱପୂର୍ଣ୍ଣ ମନେ ହେଲେ ହେଁ ପ୍ରୀତି ବିନୋଦନର ବର୍ଣ୍ଣନା ବେଶି ଉପଦେଶାତ୍ମକ ଓ ମହତ୍ତ୍ୱପୂର୍ଣ୍ଣ । ଏଥିରେ ଶଠପ୍ରୀତି, ଦୁଷ୍ଟପ୍ରୀତି, ନୀଚପ୍ରୀତି, କାର୍ଯ୍ୟଘେନା ପ୍ରୀତି, ପ୍ରବାଦ ଶଠ ପ୍ରୀତି, ଅଭେଦପ୍ରୀତି, ପରସ୍ପର ପ୍ରୀତି, ଶବ୍ଦ ସୁଖପ୍ରୀତି, ଭଳି ଆଠୋଟି ପ୍ରୀତି ବିଷୟର ଉଲ୍ଲେଖ କରାଯାଇଅଛି । ପ୍ରୀତି ଉପରେ ଏତେ ଗଭୀର ଭାବରେ ତର୍ଜମା କରିଛନ୍ତି ତାହା ନିତାନ୍ତ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ କାହାଣୀ ମାଧ୍ୟମରେ ଏଗୁଡ଼ିକର ଉପସ୍ଥାପନ କରାଯାଇଛି । ଏସବୁ ନିହାତି ଉପଦେଶାତ୍ମକ ।

ପ୍ରତି ବିଷୟରେ ପ୍ରଥମେ ନାୟକ ନାୟିକାକୁ ହାସ୍ୟ କଥା କହି ନିଜ ପ୍ରତି ମନ ଆକର୍ଷିତ କରିଥାଏ। ପରେ ରସଯୁକ୍ତ କଥା କହି ନାୟକ ନାୟିକାକୁ ଶବ୍ଦରେ ଭଶୀଭୂତ କରିଥାଏ। ପରେ ନୀତି କଥାଗୁଡ଼ିକ ଦେଇ ଶିକ୍ଷା ତଥା ପ୍ରୀତି ପ୍ରସଙ୍ଗ ଦେଇ ପ୍ରେମର ସ୍ଥିରତା ଆଣିଥାଏ।

ମୋହନାଙ୍ଗ ଏଭଳି ଭାବରେ ଚଞ୍ଚଳାକ୍ଷୀକୁ ବଶ କରିବା 'ଚତୁର ବିନୋଦ'ର ପ୍ରତିପାଦ୍ୟ ବିଷୟ। ତେବେ ଏ ଉଭୟଙ୍କ ପ୍ରୀତି ଉପଦେଶାତ୍ମକ ନୀତି ଶିକ୍ଷାମୂଳକ ହେଲେ ବି ବେଶି ପରିମାଣରେ ଦେହଜ। ଶରୀରର ଏଭଳି ଉଲଗ୍ନ ଉପସ୍ଥାପନ ରୀତିଯୁଗୀୟ ବର୍ଣ୍ଣନାଠୁ ବେଳେ ଅତ୍ୟଧିକ। ତେବେ ଏସବୁ କାବ୍ୟରେ ପ୍ରୀତିର ଦେହଜ ସ୍ତରର ଉପସ୍ଥାପନ ଦରବାରୀ ଆବଶ୍ୟକତା ନିଶ୍ଚୟ। ଏ ସମୟର ପ୍ରାୟ ସବୁ କବି ରାଜଦରବାରର ଦରବାରୀ କବି ଥିବାରୁ ଶୃଙ୍ଗାରୀ ଉଲ୍ଲାସର ଦେହଜ ସ୍ପର୍ଶ ତାଙ୍କ କାବ୍ୟଗୁଡ଼ିକର କେନ୍ଦ୍ରବିନ୍ଦୁ ଥିଲା। କାରଣ ରାଜା ଖୁସି ହେବେ। ପୁଣି ବ୍ରଜନାଥ ବଡ଼ଜେନା ନିଜେ କଥା ବିଷୟରେ କହିଛନ୍ତି,

"ମିଥ୍ୟାଗ୍ରନ୍ଥ ପ୍ରବନ୍ଧେନ ମନୋହରତି ଯା ଭୃଶଂ
ନାନା କୌତୁକ ହାସାଦ୍ୟୈଃସା କଥେତ୍ୟଭିଧୀୟତେ।"

କଥା ହେଉଛି ମିଥ୍ୟା ଗ୍ରନ୍ଥ। କେବଳ ପାଠକ କିମ୍ବା ଶ୍ରୋତାର ମନକୁ ଉଲ୍ଲସିତ କରିବା ପାଇଁ ହସ, ଗୀତ ପ୍ରୀତି ପରି ବିଷୟର ଉପସ୍ଥାପନ କରାଯାଇଥାଏ।

'ଚତୁର ବିନୋଦ' ର ଉପସ୍ଥାପନ ଭିତରେ ସଂଳାପଧର୍ମୀ ବର୍ଣ୍ଣନା ଦେଖିବାକୁ ମିଳେ।

'ଚତୁର ବିନୋଦ' ରେ ସାମଗ୍ରିକ ଭାବରେ ମଧ୍ୟଯୁଗୀୟ ବ୍ୟଭିଚାରର ଚିତ୍ରଣ ରହିଛି। ସମଗ୍ର ଭାରତୀୟ ଜନଜୀବନର ଦୂରାବସ୍ଥା ଭୋଗବାଦୀ ଶାସକମାନଙ୍କ କାରଣରୁ ହିଁ ଦେଖିବାକୁ ମିଳେ। ଏମାନେ ଥିଲେ ସ୍ୱେଚ୍ଛାଚାରୀ ଏମାନଙ୍କ ବିରୁଦ୍ଧରେ ପ୍ରଜାମାନଙ୍କର ପ୍ରତିବାଦ କରିବାର କ୍ଷମତା ମଧ୍ୟ ନ ଥିଲା। ଏମାନଙ୍କ ମୁଖ୍ୟ ବିନୋଦନର ବିଷୟ ଥିଲା ନାରୀ। ଏ ସମାଜରେ ଗୁପ୍ତ ପ୍ରଣୟ ଦୋଷାବହ ନଥିଲା। ସେଥିପାଇଁ ବର୍ଣ୍ଣିତ ପ୍ରେମ ଏତେ ଦେହଜ। ତେବେ ଏହା ଏଭଳି ଏକ କୃତି ଯେଉଁଥିରେ ସମାଜର ବିଭିନ୍ନ ସ୍ତରରୁ ଚରିତ୍ର ଗ୍ରହଣ କରାଯାଇଛି।

କବି ବ୍ରଜନାଥ ବଡ଼ଜେନାଙ୍କ ଦ୍ୱାରା ଯେଉଁ ଗଦ୍ୟ ଶୈଳୀ ଏଠାରେ ପ୍ରସ୍ତୁତ କରାଯାଇଛି ତାହା କାହାଣୀଧର୍ମୀ ତଥା ସରସ ସରଳ। ସାହିତ୍ୟରେ ଏହା ସଂସ୍କୃତରୁ ଅନୁଦିତ ବତ୍ରିଶ ସିଂହାସନ ଅପେକ୍ଷା ବେଶି ଗ୍ରହଣୀୟ ସ୍ଥାନ ଅଧିକାର କରେ। କାରଣ ଏହାର କଥା ସାହିତ୍ୟ ସୃଷ୍ଟିରେ ଉଲ୍ଲେଖନୀୟ ଅବଦାନ ରହିବ।

ମଧ୍ୟଯୁଗୀୟ ଗଦ୍ୟ ସାହିତ୍ୟରେ 'ପ୍ରସ୍ତାବ ଚିନ୍ତାମଣି'ର ସ୍ଥାନ ବେଶ୍ ସୁଦୃଢ଼। ପଣ୍ଡିତ କେଦାରନାଥ ମହାପାତ୍ରଙ୍କ ଦ୍ୱାରା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସଂଗୃହିତ ତାଳପତ୍ର ପୋଥି ଭିତରୁ ଉଦ୍ଧାର କରାଯାଇଥିଲା। ପଣ୍ଡିତ ମହାପାତ୍ର ଓ ତତ୍କାଳୀନ ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର କାହ୍ନୁଚରଣ ମିଶ୍ରଙ୍କ ସଫଳ ପ୍ରଚେଷ୍ଟାରେ ଏହା ୧୯୭୬ ମସିହାରେ ପୁସ୍ତକାରଙ୍କ ପ୍ରକାଶିତ ହୋଇ ପାରିଥିଲା। ଏହାର ଲେଖକ ହେଉଛନ୍ତି ନୀଳାମ୍ବର ବିଦ୍ୟାଧର।

'ପ୍ରସ୍ତାବ ଚିନ୍ତାମଣି' ଓଡ଼ିଆ ଗଦ୍ୟ ସାହିତ୍ୟ ପରମ୍ପରାକୁ ସମୃଦ୍ଧ କରିଛି ନିଶ୍ଚୟ । ଏହା ମଧ୍ୟ ଅନ୍ୟାନ୍ୟ ଗ୍ରନ୍ଥ ଭଳି ପ୍ରେମମୂଳକ । ତେବେ ସାମାଜିକ ଜୀବନର ଚିତ୍ର ଅତି ଜୀବନ୍ତ । 'ଚତୁର ବିନୋଦ' ଭଳି ନାନା ବିଷୟର ଏହା ଏକ ଗନ୍ତାଘର ।

ଓଡ଼ିଆ ଲୋକଗଳ୍ପ ପରି ରାଜକୁମାର ରାଜକୁମାରୀଙ୍କ ପ୍ରେମ କାହାଣୀ ଏହାର ମୁଖ୍ୟ ବିଷୟ । ରାଜକୁମାର ମନ୍ତ୍ରୀପୁଅଙ୍କ ବନ୍ଧୁତା, ଚତୁରୀ ମାଲୁଣୀ କନ୍ୟାଙ୍କୁ ରାଜକୁମାରୀର ଅପୂର୍ବ ସୌନ୍ଦର୍ଯ୍ୟ ବିଷୟ ଶୁଣିବାକୁ ଯାଇ ରାଜକୁମାରୀଙ୍କୁ ପାଇବାକୁ ବ୍ୟାକୁଳ ହୁଏ । ବନ୍ଧୁ ମନ୍ତ୍ରୀପୁଅଙ୍କ ଚତୁରପଣ ଓ ବିଶ୍ୱସ୍ତତା ଯୋଗୁଁ ରାଜକୁମାରୀଙ୍କୁ ରାଜକୁମାର ବିବାହ ହୁଏ । ମନ୍ତ୍ରୀ ପୁଅ ମଧ୍ୟ ସେଇ ରାଜାର ମନ୍ତ୍ରୀ କନ୍ୟାଙ୍କୁ ବିବାହ କରି ଖୁସିରେ ନିଜ ରାଜ୍ୟକୁ ଫେରିଆସନ୍ତି । ରାଜ୍ୟରେ ତାଙ୍କୁ ଆଡ଼ମ୍ବର ସହକାରେ ସ୍ୱାଗତ କରାଯାଇଛି ।

'ପ୍ରସ୍ତାବ ଚିନ୍ତାମଣି' ର ରଚନାଶୈଳୀ ବଡ଼ ସରଳ । କାହାଣୀ କହିବା ଢଙ୍ଗରେ ଏହାର ବିଷୟ ଉପସ୍ଥାପନା ରହିଛି । ଏଥିରେ ତଥାପି ସାମାଜିକ ଜୀବନଚିତ୍ର ଦେଖିବାକୁ ମିଳେ । ରାଜକୀୟ ଜୀବନ ବିଷୟ ଏଠାରେ ବିଶେଷ ଭାବରେ ବର୍ଣ୍ଣିତ । ରାଜାପୁଅଠୁ ମନ୍ତ୍ରୀପୁଅ ବୁଦ୍ଧିଆ । ରାଜାଠୁ ମନ୍ତ୍ରୀ ଅଧିକ ବୁଦ୍ଧିମାନ । ମନ୍ତ୍ରୀ ଯେମିତି ରାଜା ପାଇଁ ସଚେତନ । ମନ୍ତ୍ରୀପୁଅ ମଧ୍ୟ ରାଜାପୁଅ ପାଇଁ ସଚେତନ ସର୍ବଦା । ତେଣୁ ବିପଦ ସମୟରେ ମଧ୍ୟ ଧୀରସ୍ଥିର ଓ ସମାଧାନ ଅନ୍ୱେଷୀ । ରାଜକୁମାରଙ୍କ କିଛି ବି କ୍ଷତି ହେବା କଥା ନୁହେଁ ।

ଲୋକଗଳ୍ପରେ ମାଲୁଣୀ ଚରିତ୍ରଟି କଥା କୁଶଳୀ ଓ ରସିକା ମଧ୍ୟ । ପ୍ରେମିକ ପ୍ରେମିକାଙ୍କ ମିଳନ ପାଇଁ ଏମାନଙ୍କ ଭୂମିକା କାହାଣୀ ଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ।

ଆଲୋଚ୍ୟ କୃତିଟିରେ ମାଲୁଣୀର କାର୍ଯ୍ୟ ମାଲୁଣୀର ଯୁବତୀ କନ୍ୟା ନିର୍ବାହ କରିଛି । ପୁଣି ରାଜକୁମାର ରାଜକୁମାରୀଙ୍କୁ ପାଇବା ପାଇଁ ମାଲୁଣୀ ଝିଅ ସହିତ ଦୈହିକ ସମ୍ପର୍କ ସ୍ଥାପନ କରିବା ନୂଆ ବିଷୟଟିଏ । ଅନ୍ୟ କାହାଣୀ ଗୁଡ଼ିକରେ ଏଭଳି ହୁଏ ନାହିଁ ସାଧାରଣତଃ । ତେବେ ସାମାଜିକ ଜୀବନରେ ଗୁପ୍ତ ପ୍ରଣୟ ଏତେ ନିମ୍ନ ସ୍ତରର ବୋଲି ବୋଧହୁଏ ଧରାଯାଉ ନଥିଲା ।

ମଣିଷକୁ ଭୂତ ଲାଗିବା ଏବଂ ଭୂତ ଛଡ଼ାଇବାର ଲୋକବିଶ୍ୱାସ ଏ କାହାଣୀର ବିଶେଷ ଏକ ଦିଗ । ଏହା ମଧ୍ୟ ଲୋକଗଳ୍ପରେ ନୂଆ ନୁହେଁ । ତେବେ ତାକୁ ପ୍ରେମିକା ପ୍ରେମିକର ମିଳନ ପାଇଁ ଏକ କୌଶଳ ଭାବରେ ପ୍ରୟୋଗ କରାଯାଇଛି । ଏହା ଫଳରେ ରାଜକୁମାର ସହିତ ରାଜକୁମାରୀର ବିବାହ ସମ୍ଭବ ହୋଇପାରେ ।

ଏ କାହାଣୀରେ ମଧ୍ୟ ଶୃଙ୍ଗାରୀ ରସର ଅବତାରଣା କରାଯାଇଛି । ଲୋକଙ୍କ ଅବଦମିତ ନିଜସ୍ୱ ରସାନୁଭବ ଏଥି ମାଧ୍ୟମରେ ଆଉ ଥରେ ପୁନର୍ଜୀବନ ଲାଭ କରୁଥିବା କାରଣରୁ ନିଶ୍ଚିତ ଭାବରେ ଏହା ସର୍ବଦା ଆଦୃତ । ତେବେ ରାଜ୍ୟ, ଗଡ଼, ହାଟ ବଜାରର ଜୀବନ୍ତ ଚିତ୍ର ମଧ୍ୟ ଏ କାହାଣୀରେ ଦେଖିବାକୁ ମିଳେ ।

ପ୍ରସ୍ତାବ ଚିନ୍ତାମଣି କୃତିଟିର ସାହିତ୍ୟିକ ମୂଲ୍ୟ ରହିଛି । ପୁଣି ଏହା ଅଧିକ ଗଦ୍ୟାତ୍ମକ । ବର୍ଣ୍ଣନାରେ ଯୌନ ମୁକ୍ତ ବର୍ଣ୍ଣନା ଶୈଳୀ ରହିଛି । ତେବେ ତାହା ପ୍ରାଚୀନ ପ୍ରଣୟୀଙ୍କ ଭାବରେ ସୀମିତ । ସମାଜ ଦ୍ୱାରା ଗୃହୀତ ନୁହେଁ । ସେମାନଙ୍କୁ ସାମାଜିକ ଭାବରେ ବିବାହ କରିବାକୁ ପଡ଼ିବ । ଯାହା ରାଜକୁମାରୀ ଓ ରାଜକୁମାର କରୁଛନ୍ତି । ଉଭୟେ

ବିଶିଷ୍ଟ ସ୍ଥାନରେ ମର୍ଯ୍ୟାଦା ସମ୍ପନ୍ନ ବ୍ୟକ୍ତି। ତେଣୁ ଚୋରି କରିବା ଭଳି କାର୍ଯ୍ୟରେ ନିନ୍ଦା ହେବ ଦୁଇ କୁଳକୁ। ତେଣୁ ରାଜକୁମାରୀର ଇଚ୍ଛାନୁସାରେ ଗୃହର ସମ୍ମତି ସହ ବିବାହ ବଡ଼ ଖୁସିରେ ସମ୍ପନ୍ନ ହୋଇଛି। ବ୍ୟକ୍ତି ମଣିଷର ଇଚ୍ଛା ଏକାନ୍ତ ନିଜର କିନ୍ତୁ ସାମାଜିକ ସ୍ତରରେ ଆଣି ମଣିଷ ନିଜକୁ ଅଲଗା ଜାନ୍ତବୀୟ ପ୍ରକ୍ରିୟାଠୁ ଅଲଗା ଭାବରେ ସଭ୍ୟ କରି ରହିଛି। ତେଣୁ ଲେଖକ ଏସବୁରୁ ଉର୍ଦ୍ଧ୍ୱରେ ଯାଇ ନାହାନ୍ତି।

ପ୍ରସ୍ତାବ ଚିନ୍ତାମଣି ସମକାଳୀନ ସମାଜର ଏକ ଉତ୍କୃଷ୍ଟ ଆଲେଖ୍ୟ। ପୁଣି ଓଡ଼ିଆ କଥା ସାହିତ୍ୟ ଧାରରେ ଏକ ଗୁରୁତ୍ୱପୂର୍ଣ୍ଣ କୃତି।

## ୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) 'ପ୍ରସ୍ତାବ ସିନ୍ଧୁ'

(ଖ) ରୁଦ୍ର ସୁଧାନିଧି

(ଗ) ପ୍ରସ୍ତାବ ଚିନ୍ତାମଣି

(ଘ) ଚତୁର ବିନୋଦ

(ଙ) ବେତାଳ ପଞ୍ଚବିଂଶତି

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ରୁଦ୍ର ସୁଧାନିଧିର କାହାଣୀଧର୍ମୀତା ସମ୍ପର୍କରେ ଆଲୋଚନା କର।

(ଖ) 'ଚତୁର ବିନୋଦ' ରେ ଚିତ୍ରିତ ସାମାଜିକତା ସମ୍ପର୍କରେ ଆଲୋଚନା କର।

(ଗ) 'ପ୍ରସ୍ତାବ ଚିନ୍ତାମଣି' ରେ ଲେଖକଙ୍କ ଆଭିମୁଖ୍ୟ ଆଲୋଚନା କର।

## ୨.୬ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଉପନ୍ୟାସର ଶିଳ୍ପରୀତି : ଫକୀରମୋହନ – ସନ୍ତୋଷ କୁମାର ରଥ, ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର, ୨୦୧୮।
- ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ – ସମ୍ପାଦନା ପଠାଣି ପଟ୍ଟନାୟକ ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୯୬।
- ଓଡ଼ିଆ ଉପନ୍ୟାସ (ଉନ୍ମେଷ ଓ ଉତ୍ତରଣ) ପ୍ରଥମ ପର୍ଯ୍ୟାୟ – କୃଷ୍ଣ ଚରଣ ବେହେରା, ଜଗନ୍ନାଥ ରଥ, କଟକ ୧୯୬୮।
- ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ସ୍ୱରୂପ – କୁମୁଦ ରଞ୍ଜନ ପାଣିଗ୍ରାହୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୬ଷ୍ଠ ସଂସ୍କରଣ, ୨୦୧୫।

# ତୃତୀୟ ଏକକ : ନବଚେତନା

## ବିଷୟ ଗଠନ :

୩.୧ ପଠନର ଉଦ୍ଦେଶ୍ୟ
୩.୨ ଶିକ୍ଷଣୀୟ ବିଷୟ
୩.୩ ବିଷୟ ପ୍ରବେଶ
୩.୪ କଥା ସାହିତ୍ୟର ନବଚେତନା
୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୩.୬ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

ପ୍ରାଚୀନ ଓ ମଧ୍ୟଯୁଗ ପରେ ଆଧୁନିକ ଓଡ଼ିଆ କଥା ସାହିତ୍ୟର କ୍ରମ ବିବର୍ତ୍ତନ ଜାଣିବା ଏହି ଏକକର ଉଦ୍ଦେଶ୍ୟ । ଓଡ଼ିଶାର ସାମାଜିକ ରାଜନୀତିକ ଓ ସାଂସ୍କୃତିକ କ୍ଷେତ୍ରରେ ୟୁରୋପ ଓ ଅପର ବୈଦେଶିକ ସଂସ୍କୃତି ଅଷ୍ଟାଦଶ ଊନବିଂଶ ଶତାବ୍ଦୀରେ ଯେଉଁ ପ୍ରଭାବ ଓ ପ୍ରତିଷ୍ଠା ଲାଭ କଲା ତାର କିପରି ପ୍ରଭାବ କଥା ସାହିତ୍ୟରେ ପଡ଼ିଛି ତାହା ଜାଣିବା ଏହି ଏକକର ଲକ୍ଷ୍ୟ । ସାହିତ୍ୟ କେବଳ ଆନନ୍ଦ ପ୍ରମୋଦର ମାଧ୍ୟମ ନୁହେଁ, ଏହା ହେଉଛି ସମକାଳୀନ ସାମାଜିକ, ଆର୍ଥନୀତିକ, ରାଜନୀତିକ ଓ ସାଂସ୍କୃତିକ ଘଟଣାର ସାରସ୍ୱତ ଉପାଦାନ । ଏହି ଏକକ ପଢ଼ିବା ଦ୍ୱାରା ଆମେ କଥା ସାହିତ୍ୟରେ ନବଚେତନାର ପ୍ରଭାବ ବିଷୟରେ ଜାଣିପାରିବା ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକ ପଠନ କଲେ ଆମେ ନିମ୍ନଲିଖିତ ବିଷୟଗୁଡ଼ିକ ଅବଗତ ହୋଇପାରିବା –

- ଓଡ଼ିଆ ଉପନ୍ୟାସର ସୃଷ୍ଟି ରହସ୍ୟ
- ଉପନ୍ୟାସରେ ନବଚେତନାର ପ୍ରଭାବ
- ଉପନ୍ୟାସରେ ସମାଜର ଚିତ୍ର

## ୩.୩ ବିଷୟ ପ୍ରବେଶ

କଥା ସାହିତ୍ୟ ସାହିତ୍ୟର ଏକ ବଳିଷ୍ଠ ବିଭାଗ । ପାଠକର ମନୋରଞ୍ଜନ ଏହାର ଉଦ୍ଦେଶ୍ୟ ନୁହେଁ; ସମାଜ ସଂସ୍କାର ଭଳି ମହତ୍ତର ଲକ୍ଷ୍ୟକୁ ନେଇ ଏହାର ପରିକଳ୍ପନା । ଜୀବନକୁ ସରସ, ସୁନ୍ଦର କରିବା ସହିତ ଭିନ୍ନ ଏକ ପରିମଣ୍ଡଳ ମଧ୍ୟରେ ଅବସ୍ଥାପିତ କରାଏ କଥା ସାହିତ୍ୟ । ଜୀବନକୁ ଉତ୍ତମ ରୂପେ ଗଢ଼ିବାର ପ୍ରଚଣ୍ଡ ପ୍ରତିଶ୍ରୁତି ମଧ୍ୟ କଥା ସାହିତ୍ୟର ରହିଛି । ଓଡ଼ିଆ କଥା ସାହିତ୍ୟର ଇତିହାସରେ ନବଚେତନା ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ବହୁ ପ୍ରତିଭାବାନ ଲେଖକ ଏହି ସମୟରେ କଥା ସାହିତ୍ୟମାନ ରଚନା କରିଛନ୍ତି ।

## ୩.୪ କଥା ସାହିତ୍ୟର ନବଚେତନା

ଉପନ୍ୟାସ ସାହିତ୍ୟର ସୃଷ୍ଟି ହୁଏ ରାମଶଙ୍କର ରାୟଙ୍କ 'ସୌଦାମିନୀ' ଉପନ୍ୟାସରୁ । ୧୮୭୮ ମସିହାରେ 'ଉତ୍କଳ ମଧୁପ' ମାସିକ ସାହିତ୍ୟ ପତ୍ରିକାରେ ତିରିଶ ଅଧ୍ୟାୟ ପର୍ଯ୍ୟନ୍ତ ପ୍ରକାଶିତ । ଏହା ଅସଂପୂର୍ଣ୍ଣ । ପ୍ରାୟ ଦୁଇବର୍ଷ କାଳ ପ୍ରକାଶ ଲାଭ କରି ୧୮୮୦ ମସିହାରେ ବନ୍ଦ ହୋଇଯାଇଥିଲା ।

ଅର୍ଥାଭାବ ଯୋଗୁଁ ଏହାର ଶେଷାଂଶ ପ୍ରକାଶିତ ହୋଇପାରି ନଥିଲା ଏବଂ ପରେ ତାହା ହଜିଯାଇଥିଲା ।

'ସୌଦାମିନୀ' ଉପନ୍ୟାସଟି ଏକ ଐତିହାସିକ ପ୍ରେମ କାହାଣୀରେ ପରିପୂର୍ଣ୍ଣ । ଆଲ୍ଲାଉଦ୍ଦିନ ଖିଲିଜିର ଚିତୋର, ଉଜ୍ଜୟିନୀ ଆକ୍ରମଣ ବିଷୟ ବର୍ଣ୍ଣିତ । 'ଉଜ୍ଜୟିନୀ' ରେ ରାଜା ରାଣୀଙ୍କୁ ହତ୍ୟା କଲାପରେ ରାଜପୁତ୍ର ଜୟସିଂହଙ୍କ ସହ ଲଢ଼େଇ କରିଛନ୍ତି । ଜୟସିଂହ ଯୁଦ୍ଧରେ ହାରିଯାଇ ଜଙ୍ଗଲକୁ ପଳାୟନ କରିଛନ୍ତି । ସେଠାରେ ବାଲ୍ୟ ସଙ୍ଗିନୀ ସୌଦାମିନୀ ସହ ଭେଟ ହୁଏ । ସୁଲତାନଙ୍କ ସୈନ୍ୟବାହିନୀ ଜଙ୍ଗଲରେ ଏ ଦୁହିଁଙ୍କୁ ଆକ୍ରମଣ କରନ୍ତି । ସୌଦାମିନୀଙ୍କୁ ବଳାତ୍କାରରେ ଦିଲ୍ଲୀ ଦରବାରକୁ ପଠାଇ ଦିଅନ୍ତି । ସୌଦାମିନୀ ଓ ଜୟସିଂହଙ୍କ ବିଚ୍ଛେଦ ଘଟିଛି । ବିଚ୍ଛେଦ ଦୁଃଖରେ ଜୟସିଂ ସଂଜ୍ଞା ହରାନ୍ତି । ଏ ସମୟରେ ଆନନ୍ଦମୟୀ ସେଠାରେ ଉପସ୍ଥିତ ହୁଏ । ତା'ର ସେବା ଦ୍ୱାରା ଜୟସିଂହଙ୍କ ସଂଜ୍ଞା ଫେରି ଆସେ । ଆନନ୍ଦମୟୀଙ୍କ ସ୍ୱାମୀ ସୁଲତାନ ବାହିନୀ ସହ ଯୁଦ୍ଧ କରି କରି ବନ ମଧ୍ୟରେ ହଜିଯାଇଛନ୍ତି । ତେଣୁ ଆନନ୍ଦମୟୀ ଦୁଃଖରେ ଦିନ ଅତିବାହିତ କରୁଥିବାବେଳେ ତା' ପ୍ରତି ସହାନୁଭୂତିଶୀଳ ରାଜକୁମାରୀ କୁସୁମକୁମାରୀ ଆନନ୍ଦମୟୀ ନିଜ ସ୍ୱାମୀଙ୍କୁ ଫେରି ନ ପାଇବା ପର୍ଯ୍ୟନ୍ତ ବିବାହ ନ କରିବାର ପଣ କରନ୍ତି । ଏ ଉଭୟଙ୍କ ଦୁଃଖ ଜାଣି ଜୟସିଂହ ଆନନ୍ଦମୟୀଙ୍କ ସ୍ୱାମୀଙ୍କୁ ଖୋଜିବାକୁ ବାହାରନ୍ତି ।

ଉମେଶ ଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ' ୧୮୮୮ ରେ ପ୍ରକାଶିତ । ଏହା ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଉପନ୍ୟାସ । କଟକ ପ୍ରିଣ୍ଟିଂ କମ୍ପାନୀରୁ ଏହା ପ୍ରକାଶିତ । ନୀଳଗିରି ରାଜ୍ୟର କର୍ମଚାରୀମାନଙ୍କ ଦ୍ୱାରା ପାଞ୍ଚଗଡ଼ ଆକ୍ରମଣ ଓ ଅନ୍ୟଟି ହରିହର ଭ୍ରମରବର ବାବୁଙ୍କ ଦ୍ୱାରା ନୀଳଗିରି ଆକ୍ରମଣ । ଏହି ଦୁଇଟି ଐତିହାସିକ ଘଟଣାକୁ ନେଇ ରଚିତ ହୋଇଛି ।

ଜଗବନ୍ଧୁ ପଟ୍ଟନାୟକ ଦମ୍ପତି କନ୍ୟା ପଦ୍ମମାଳୀଙ୍କୁ ନେଇ ମୟୁରଭଞ୍ଜର ମାଣିତ୍ରିଠାରେ ଶିବରାତ୍ରୀ ଉତ୍ସବରେ ଯୋଗଦେବାକୁ ଯାଆନ୍ତି । ଏଠାରୁ ଖଳ ଦୁର୍ଯ୍ୟୋଧନ ଦାସଙ୍କ ସାଥୀ ବଳବନ୍ତରାୟଙ୍କ ସହିତ ପଦ୍ମମାଳୀଙ୍କୁ ଅପହରଣ କରନ୍ତି । କୌଣସି ଏକ ନିର୍ଜନ ସ୍ଥାନରେ ଭୋଗ କରିବାର ପ୍ରୟାସ କରୁଥିବାବେଳେ କପ୍ତିପଦାର ଯୁବକ ରାଜା ପରୀକ୍ଷିତ ସିଂ ପଦ୍ମମାଳୀଙ୍କୁ ଉଦ୍ଧାର କରନ୍ତି । ପଦ୍ମମାଳୀକୁ ମହନ୍ତ ହରିହରର ରାମାନୁଜ ଦାସଙ୍କ ଆଶ୍ରୟରେ ଛାଡ଼ିଦିଅନ୍ତି । ରାଜା ପରୀକ୍ଷିତ ଓ ପଦ୍ମମାଳୀ ପରସ୍ପର ପ୍ରେମରେ ପଡ଼ନ୍ତି । ଦୂତଙ୍କ ହାତରେ ରାଜା ପରୀକ୍ଷିତ ବିବାହ ପ୍ରସ୍ତାବ ଦିଅନ୍ତି ପଦ୍ମମାଳୀର ପିତାମାତାଙ୍କ ପାଖକୁ । ପଦ୍ମମାଳୀ ଅସୁସ୍ଥ ହୁଏ । ରୋଗ ଭଲହୁଏ ନାହିଁ । ପୁଣି ରାମାନୁଜ ଦାସଙ୍କ ମଠକୁ ଫେରିଆସେ ପଦ୍ମମାଳୀ । ସେ ବର୍ତ୍ତମାନ ପରୀକ୍ଷିତ ସିଂହଙ୍କ ବାଗ୍‌ଦତ୍ତ ହୋଇ ମଠରେ ଅବସ୍ଥାନ କରୁଥିବା ସମୟରେ ପ୍ରତିଶୋଧନପରାୟଣ ଦୁର୍ଯ୍ୟୋଧନ ଦାସ ବାନ୍ଧବୀ ଜୟନ୍ତୀ ସହିତ ପଦ୍ମମାଳୀକୁ ବନ୍ଦୀ କରିବାର ସଫଳ ହୁଏ । ପରୀକ୍ଷିତ ସିଂହ ହରିହର ଭ୍ରମରବରଙ୍କ ସହିତ ଏକାଠି ନୀଳଗିରି ଆକ୍ରମଣ କରନ୍ତି । ପରୀକ୍ଷିତ ସିଂ ବିଜୟୀ

ହୋଇ ପଦ୍ମମାଳୀଙ୍କୁ ଉଦ୍ଧାର କରିପାରନ୍ତି । ପରିକ୍ଷିତ ସିଂ ବୀର ଓ ସାହସୀ । ଦୁଷ୍ଟକୁ ଶାସ୍ତିଦେବା, ନାରୀକୁ ସମ୍ମାନ ଦେବା ତାଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ । ଦୁର୍ଯ୍ୟୋଧନ ଦାସଙ୍କ ରାଣୀ ଶିଶୁପୁତ୍ରକୁ ନେଇ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଠୁ ଆଶ୍ରୟ ନେବା ପାଇଁ ବାଲେଶ୍ୱର ପଳାୟନ କଲେ । ବ୍ରିଟିଶ ମାଜିଷ୍ଟ୍ରେଟ ବିଦ୍ରୋହର ନେତୃତ୍ୱ ନେଇଥିବାରୁ ପରୀକ୍ଷିତ ସିଂହଙ୍କୁ ଦଣ୍ଡ ଦିଅନ୍ତି; କିନ୍ତୁ ମହନ୍ତ ରାମାନୁଜ ଦାସଙ୍କ କାରଣରୁ ପରୀକ୍ଷିତ ସିଂ କ୍ଷମା ପାଆନ୍ତି । ପଦ୍ମମାଳୀ ସହ ତାଙ୍କର ବିବାହ ହୁଏ । ଜୟନ୍ତୀ ଓ ବାଞ୍ଛାନିଧି ବଳବନ୍ତ ରାୟଙ୍କର ମଧ ବିବାହ ସମ୍ପନ୍ନ ହୁଏ ପଦ୍ମମାଳୀର ପଚେଷ୍ଟା ଯୋଗୁଁ । ଏ ଦୁହେଁ ପୂର୍ବରୁ ପରସ୍ପର ପ୍ରତି ଆକୃଷ୍ଟ ଥିଲେ । ଦୁର୍ଯ୍ୟୋଧନ ଦାସ କପ୍ତିପଦା କାରାଗାରରେ ଗଭୀର କଷ୍ଟ ପାଇ ମୃତ୍ୟୁବରଣ କରେ ।

ରାମିୟା ମା ଚରିତ୍ର ଏ ଉପନ୍ୟାସର ଆଉ ଏକ ବିଶେଷ ଚରିତ୍ର । ନିଜେ ବାରାଙ୍ଗନା ନୁହେଁ କିନ୍ତୁ ଦୁର୍ଯୋଧନ ଦାସଙ୍କ କାମୁକ ମନୋଭାବ ପୂରଣ ପାଇଁ ଅନ୍ୟ ଯୁବତୀମାନଙ୍କୁ ନେଇ ଆସିବା କାର୍ଯ୍ୟ କରି ନିଜର ଜୀବନ ନିର୍ବାହ କରିଥିଲା ।

ରାମିୟା ମା ଏକଦା କୁଳବଧୂ ଥିଲା । ବିଧବା ହେଲା ପରେ ପଡ଼ୋଶୀ ଜଣଙ୍କର ଉପରେ ବିଶ୍ୱାସ କରି ଘର ଛାଡ଼ିଲା । ହେଲେ ଏ ବିଶ୍ୱାସ ରହିଲା ନାହିଁ । ଯୌବନ ଅପସରିଗଲା ପରେ ଯେଉଁମାନେ ଗୋଟେ ସମୟରେ ତାକୁ ଭୋଗ କରିବାରେ ଘେରି ରହୁଥିଲେ ଆଜି ସେମାନଙ୍କ ଆଶ୍ରୟ ଲୋଡ଼ିଲା । ଦୁର୍ଯ୍ୟୋଧନ ଦାସ ମଧ ସେଭଳି ଜଣେ । ତା' ପାଖକୁ ଆସି ତା'ର ନାରୀଭୋଗ ମାନସିକତାକୁ ଚରିଥାର୍ଥ କରିବା ପାଇଁ ରାମୀୟା ମା' କାର୍ଯ୍ୟ କରେ । ଏଥି ଯୋଗୁଁ ଅନେକଙ୍କ ଯୁବତୀର ଇଜ୍ଜତ ଦୁର୍ଯ୍ୟୋଧନର କାମବାସନାରେ ନଷ୍ଟ କରେ ।

ରାମିୟା ମା ଭଳି ବିଧବାମାନଙ୍କୁ ନିଜର ଅଭିଷ୍ଟପୂରଣ କରିବାର ସେଇ ସମୟର ରାଜା ଜମିଦାରମାନଙ୍କର ଏକ ଉପାୟ ଥିଲା । ପରବର୍ତ୍ତୀ ସମୟରେ ଚମ୍ପା ଚିତ୍ରକଳା ଓ ଅନ୍ୟାନ୍ୟ ପୋଇଲିମାନଙ୍କୁ ଆମେ ଦେଖୁ । ବିଧବାମାନଙ୍କ ଦୟନୀୟ ଜୀବନ ଉପନ୍ୟାସକାରମାନଙ୍କୁ ନିଶ୍ଚିତ ଭାବରେ ବ୍ୟଥିତ କରିଛି । ତେଣୁ 'ବିବାସିନୀ' ରେ କଳାବତୀ, 'କନକଲତା'ରେ ଉମା, 'କାଳିବୋହୂର'ର ଲକ୍ଷ୍ମୀ ଏ ସମୟର ପ୍ରତିନିଧି ସ୍ଥାନୀୟ ଚରିତ୍ର । ବିଧବା ହେବା ପରେ ଏମାନେ ସମାଜର ଘୃଣାକୁ ସାମ୍ନା କରନ୍ତି । ଶରୀର ଶୋଷଣର ଜାଲରେ ପଡ଼ନ୍ତି । କେହି ବି ପୁଣି ଥରେ ମର୍ଯ୍ୟାଦା ପୂର୍ବକ ଜୀବନଯାପନ କରିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଥିଲା । ଫଳରେ ଏମାନେ ବେଳେ ଆତ୍ମହତ୍ୟା କରିବା ବାଧ ହେଉଥିଲେ । ସ୍ୱାମୀର ମୃତ୍ୟୁ ତାଙ୍କ ହାତର ବିଷୟ ନୁହେଁ । କିନ୍ତୁ ସ୍ୱାମୀର ମୃତ୍ୟୁ ପାଇଁ କମ୍ ଦାୟୀ କରା ହୁଏ ନାହିଁ ଏମାନଙ୍କୁ । ସ୍ୱାମୀକୁ କୁଆଡ଼େ ଖାଇଯାନ୍ତି ଏମାନେ ।

ମହନ୍ତ ଦାସ 'ପଦ୍ମମାଳୀର ଅନ୍ୟଏକ କେନ୍ଦ୍ର ଚରିତ୍ର । ସେ ମରହଟ୍ଟା ଶାସକ ଅଧୀନରେ ଜଣେ କର୍ମଚାରୀ । ପୁତ୍ର ପତ୍ନୀଙ୍କୁ ହରାଇ ସଂସାର ବୈରାଗୀ ହୁଅନ୍ତି । ଦେଉଳ ସାହିରେ ମଠ ପ୍ରତିଷ୍ଠା କରି ସେଠାରେ ଲୋକଙ୍କ ସୁଖ ଦୁଃଖ ବୁଝନ୍ତି । ଏପରିକି ନ୍ୟାୟ ମାମଲାର ମଧ ସେ ବିଚାରକ । ଲୋକେ ତାଙ୍କ କଥା ଗ୍ରହଣ କରନ୍ତି । ବିଚାର ମାମଲାରେ ସେ ସବୁଠୁ ବେଶି ପ୍ରଭାବଶାଳୀ ।

ଜାତିପ୍ରଥାର ତୀବ୍ରତା ଏ ଉପନ୍ୟାସରେ ଦେଖିବାକୁ ମିଳେ । ଆପଣା କୁଳରେ ବିବାହ ନ କରିବା ଭଳି ବିଷୟ ଏଠାରେ ବର୍ଣ୍ଣିତ ।

ଗଡ଼ଜାତ ରାଜ୍ୟମାନଙ୍କରେ ସୈନ୍ୟ ସଂଗ୍ରହ କିଭଳି ଭାବରେ କରାଯାଏ ତାହାର ବର୍ଣ୍ଣନା ବେଶ୍ ମନୋଜ୍ଞ। ଗଣ୍ଡି ଦ୍ୱାରା ପାଇକ ସଂଗ୍ରହ କରାଯିବାର ପ୍ରଥା ଥିଲା।

ଗୋଟେ ଦଳିତ ଜାତି ବିଶେଷର ଚର୍ଯ୍ୟା ବୃତ୍ତି ବିଷୟରେ ଏଠାରେ ବର୍ଣ୍ଣନା ରହିଛି। ଏମାନେ ଏଥିରେ ପାରଙ୍ଗମ। ଏମାନେ ଚୋରି କରିବା ପାଇଁ ସିନ୍ଧି ମାରି ଚୋରି କରୁଥିଲେ। ରାତିକ ଭିତରେ ବେଶି ଦୂରଯାଇ ଏସବୁ କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ କରିଆସୁଥିଲେ।

ଚିକିତ୍ସା ପାଇଁ ଇଂରେଜ ଡାକ୍ତରଙ୍କୁ ସୁଦ୍ଧା ଉପେକ୍ଷା କରାଯାଏ ଏଥିପାଇଁ ଯେ ସେମାନେ ଗୋରୁ ଶୂକର ମାଂସ ଖାଉଥିବା ବିଧର୍ମୀ ଲୋକ। ସେମାନଙ୍କ ପାଦ ହିନ୍ଦୁ ଘରେ ପଡ଼ିଲେ ଅଧର୍ମ ହେବ। ବାହାର ଲୋକ କୁଳ କନ୍ୟାକୁ ଦେଖିବା ମନା। ଏମାନେ ପୁଣି କନ୍ୟାକୁ ଦେଖିବେ ବିଲାତି ନୟନରେ।

ପୁଅମାନେ ଇଂରାଜୀ ପଢ଼ି ବାପ ଅଜାଙ୍କୁ ମୂର୍ଖ ବୋଲି ଭାବିବା ସର୍ବଦା ଏ ସମୟର ଏକ ସାମାଜିକ ଅଂଶ ବୋଲି ଦେଖିବାକୁ ମିଳେ; ଯାହା ପରବର୍ତ୍ତୀ ସମୟରେ ଫକୀରମୋହନଙ୍କ 'ଡାକମୁନ୍‌ସୀ' ଗଳ୍ପରେ ମଧ୍ୟ ଦେଖିବାକୁ ମିଳେ। ବିବାହ ପୂର୍ବର ପ୍ରେମକୁ ପାପ ପୁଣ୍ୟର ବିଷୟ ବୋଲି ତତ୍କାଳୀନ ସାମାଜିକ ଅବଧାରଣା ଏଠାରେ ଦେଖିବାକୁ ମିଳେ। ପରୀକ୍ଷିତ ସିଂ ଓ ପଦ୍ମମାଳୀଙ୍କ ନିର୍ଜନ ଉଦ୍ୟାନରେ ମିଳନ ତଥା ପରୀକ୍ଷିତ ସିଂ ପଦ୍ମମାଳୀକୁ ଚୁମ୍ବନ ଦେଇଥିବା ବିଷୟଟିକୁ ଦୋଷାବହ ନ ବୁଝିବାକୁ ଲେଖକ ନିଜର ବିଚାର ରଖିଛନ୍ତି। ସମାଜରେ ଏହା କେତେ ଦୂର ଯେ ପାପପୁଣ୍ୟ ବିଚାରର ବିଷୟ ହୋଇଛି ଯେ ଲେଖକକୁ ନାୟକ ନାୟିକାଙ୍କ ଚୁମ୍ବନ କରାଇବା ପାଇଁ ପାଠକକୁ ଏତେ ଅନୁନୟ ହେବାକୁ ପଡ଼ିଛି ତାହା ଅନୁମେୟ।

ବିବାହ ପୂର୍ବର ପ୍ରେମକୁ ପାପ ପୁଣ୍ୟର ବିଷୟ ବୋଲି ତତ୍କାଳୀନ ସାମାଜିକ ଅବଧାରଣା ଏଠାରେ ଦେଖିବାକୁ ମିଳେ। ପରୀକ୍ଷିତ ସିଂ ଓ ପଦ୍ମମାଳିଙ୍କ ନର୍ଜନ ଉଦ୍ୟାନରେ ମିଳନ ଓ ପରୀକ୍ଷିତ ସିଂ ପଦ୍ମମାଳିକୁ ଚୁମ୍ବନ ଦେଇଥିବା ବିଷୟଟିକୁ ଦୋଷାବହ ନ ଭାବିବାକୁ ଲେଖକ ନିଜର ବିଚାର ରଖିଛନ୍ତି। ଏହା କେତେଦୂର ଯେ, ପାପ ପୁଣ୍ୟ ବିଚାରର ବିଷୟ ହୋଇଛି ଯେ, ଲେଖକଙ୍କୁ ନାୟକ ନାୟିକାଙ୍କ ଚୁମ୍ବନ କରାଇବା ପାଇଁ ପାଠକଙ୍କୁ କେତେ ଅନୁନୟ ହେବାକୁ ପଡ଼ିଛି ତାହା ଅନୁମେୟ।

ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର' ରେ ଯେଉଭଳି ଭାବରେ ପାପ ପୁଣ୍ୟ କ'ଣ ଏହାର ନିର୍ଦ୍ଧାରଣ କରାଯାଇଛି। ଏହାର ଅନେକ ପୂର୍ବରୁ ଉମେଶ ଚନ୍ଦ୍ର ସରକାର 'ପଦ୍ମମାଳୀ' ରେ ଏଭଳି ବିଷୟ ଉପସ୍ଥାପନ କରନ୍ତି ପ୍ରଥମ ପରିଚ୍ଛେଦରୁ ହିଁ। ଲେଖୁଛନ୍ତି ଦୃଷ୍ଟିଭଙ୍ଗୀରେ ହିଁ ପାପ ଓ ପୁଣ୍ୟ ଅଛି। ପୁଣ୍ୟ ଦୃଷ୍ଟିରେ ଦେଖିଲେ ଜଗତର ସବୁକିଛି ପୁଣ୍ୟ ସୃଷ୍ଟି। ପାପ ଦୃଷ୍ଟିରେ ଦେଖିଲେ ସବୁକିଛି ନାରକୀୟ।

ଭଗବାନ ପାପୀକୁ ଦଣ୍ଡ ଓ ନ୍ୟାୟବାନ ତଥା ଶରଣାଗତକୁ ସୁରକ୍ଷା ଦେବା ବିଷୟ ବାରମ୍ବାର ବର୍ଣ୍ଣିତ। ପଦ୍ମମାଳୀ ଦୁର୍ଯ୍ୟୋଧନ କବଳରୁ ମୁକ୍ତି ପାଇବା ପାଇଁ ବାବା ବୈଦ୍ୟନାଥଙ୍କୁ ସ୍ମରଣ କରେ, ମା' ମଙ୍ଗଳାକୁ ସ୍ମରଣ କରେ। ଉଦ୍ଧାର ହେବା ପରେ ପରୀକ୍ଷିତଙ୍କ ପାଇଁ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରେ। ପୁରୁଷୋତ୍ତମ ସେନାପତିଙ୍କ ମଧ୍ୟ ଧାରଣା ଯେ ପଦ୍ମମାଳୀର ହରଣକାରୀ ଅପହରଣର ପ୍ରତିଫଳ ପାଇବେ ଓ ପଦ୍ମମାଳୀଙ୍କୁ ଭଗବାନ ସହାୟକ ହେବେ।

ଯେଉଁ ରାଜ୍ୟର ରାଜା ନିଜେ ପ୍ରଜାପୀଡ଼କ ହୁଏ ସେ ରାଜ୍ୟ ନଷ୍ଟ ହୁଏ ଓ ରାଜା ତା'ର କୃତକର୍ମର ଫଳ ପାଆନ୍ତି। ଏକଥା ମଧ୍ୟ ଉପନ୍ୟାସରେ ଦେଖିବାକୁ ମିଳେ। ନାରୀ ଅପହରଣ ଯୋଗୁଁ ରାଜ୍ୟ ଧ୍ୱଂସ ହେବା 'ରାମାୟଣ'ର ବିଷୟ। ଏଠାରେ ପୁନର୍ବାର ଏହାର ପୁନରାବୃତ୍ତି ଦେଖିବାକୁ ମିଳେ।

ଦୁର୍ଯ୍ୟୋଧନ ଦାସ ଓ ରାମିୟା ମା ପରିଶେଷରେ ଦଣ୍ଡିତ ହୋଇଛନ୍ତି, ଆଉ ପରୀକ୍ଷିତ ସିଂ, ପଦ୍ମମାଳୀ, ବାଞ୍ଛାନିଧି ବଳବନ୍ତ ରାୟ ଜୟନ୍ତୀ ପୁରସ୍କୃତ ହୋଇଛନ୍ତି। ଉପନ୍ୟାସ ଶେଷରେ 'ପୁଣ୍ୟର ବିଜୟ' ହୋଇ କାବ୍ୟିକ ନ୍ୟାୟ ପ୍ରତିଷ୍ଠିତ ହୋଇଛି।

ମୁର୍ଖ ବଇଦମାନଙ୍କ ଚିତ୍ର ମଧ୍ୟ ଏ ଉପନ୍ୟାସରେ ଦେଖିବାକୁ ମିଳେ।

ଉପନ୍ୟାସଟିର ବର୍ଣ୍ଣନା କୌଶଳରେ ଲୋକ ବିଶ୍ୱାସ, ଲୋକ ଜୀବନର ଅନେକ ବିଷୟ ଭର୍ତ୍ତି କରାଯାଇଛି। ସଂଳାପଧର୍ମୀ ରଚନା କୌଶଳ ବିଷୟଟିକୁ ଅତିଜୀବନ୍ତ କରିପାରିଛି। ଶୁଦ୍ଧ ମାର୍ଜିତ ଭାଷାର ବ୍ୟବହାର ହୋଇଛି। ନାରୀର ରୂପ ବର୍ଣ୍ଣନାରେ ରୀତିଯୁଗୀୟ ବର୍ଣ୍ଣନା ଦେଖିବାକୁ ମିଳୁଛି।

ଲେଖକ ନିଜକୁ ବାରମ୍ବାର ପାଠକ ଆଗକୁ ଆସିଛନ୍ତି। ଏହା ଦ୍ୱାରା ଲେଖକ ନିଜେ ରଚନା କୃତିର ଅଂଶ ହୋଇଯାଇ ଗୋଟିଏ ନିର୍ଦ୍ଦିଷ୍ଟ ଦିଗ ଆଡ଼କୁ ପାଠକଙ୍କୁ ନେଇଯିବାକୁ ଚେଷ୍ଟା କରିଛନ୍ତି। ଯାହା ଫକୀରମୋହନଙ୍କ କୃତି ଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳେ।

ଉମେଶଚନ୍ଦ୍ର ସରକାରଙ୍କ ଅନ୍ୟ ଏକ ଉପନ୍ୟାସ ହେଉଛି 'କେନ୍ଦୁଝରର ବିଦ୍ରୋହ'। ଉପନ୍ୟାସଟି ଅସଂପୂର୍ଣ୍ଣ। ଏହା ୧୯୦୭ ମସିହାରେ 'ମୁକୁର' ପତ୍ରିକାରେ ସାତୋଟି ପରିଚ୍ଛେଦ ପର୍ଯ୍ୟନ୍ତ ପ୍ରକାଶିତ ହୋଇପାରିଥିଲା। ଉମେଶ ଚନ୍ଦ୍ର ଏଠାରେ ଉଦାସୀ ଛଦ୍ମ ନାମ ଗ୍ରହଣ କରିଛନ୍ତି।

'କେନ୍ଦୁଝରର ବିଦ୍ରୋହ' ହେଉଛି ୧୮୬୮ ମସିହାରେ ହୋଇଥିବା କେନ୍ଦୁଝରର ଗଡ଼ଜାତ ରାଜ୍ୟର ଏକ ସଂଘର୍ଷର ଉପସ୍ଥାପନ। ମହାରାଜା ଗଦାଧର ନାରାୟଣ ଭଞ୍ଜଙ୍କ ମୃତ୍ୟୁ ହୁଏ। ପାଟରାଣୀ ଅପୁତ୍ରିକ ଥିବାରୁ ମୟୁରଭଞ୍ଜର ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରନ୍ତି ଓ ରାଜଗାଦିରେ ତା'ର ଉତ୍ତରାଧିକାର ପାଇଁ ଚେଷ୍ଟା କରନ୍ତି। ତେବେ ମହାରାଜାଙ୍କ ସାନରାଣୀଙ୍କ ଗର୍ଭଜାତ ସନ୍ତାନ ଧନୁର୍ଜୟ ଭଞ୍ଜ ଗାଦୀ ପାଇଁ ଦାବି ଉପସ୍ଥାପନ କରନ୍ତି। ଉଭୟ ପକ୍ଷରୁ କୋର୍ଟର ଆଶ୍ରୟ ନିଆଗଲା। ଧନୁର୍ଜୟ ଭଞ୍ଜଙ୍କୁ ଅଧିକାର ମିଳିବା ପରେ ପାଟରାଣୀଙ୍କ ପରାମର୍ଶ କ୍ରମେ ଭୂୟାଁ ଓ ଜୁଆଙ୍ଗମାନେ ବିଦ୍ରୋହ କରିଥିଲେ। ବ୍ରିଟିଶ ସରକାର ଏ ବିଦ୍ରୋହକୁ ଦମନ କରିପାରିଥିଲେ। ପାଟରାଣୀ ତଥା ଅନ୍ୟାନ୍ୟ ବିଦ୍ରୋହୀମାନେ ଧନୁର୍ଜୟ ଭଞ୍ଜଙ୍କୁ 'ରାଜା' ବୋଲି ସ୍ୱୀକାର କରିଥିଲେ।

ଏ ଉପନ୍ୟାସଟିରେ ଧନୁର୍ଜୟ ଓ ଚିତ୍ରଲେଖାଙ୍କ ପ୍ରେମ ପ୍ରଣୟ କଥା ବର୍ଣ୍ଣିତ। ତେବେ ରାଜକର୍ମଚାରୀଙ୍କ ଭ୍ରଷ୍ଟାଚାରର ଏକ ବାସ୍ତବ ଜୀବନ୍ତ ଚିତ୍ର ମଧ୍ୟ ଦେଖିବାକୁ ମିଳେ।

ଉମେଶ ଚନ୍ଦ୍ର ସରକାର ଓଡ଼ିଶାର ଐତିହାସିକ ଘଟଣାକୁ ନେଇ ଲେଖିଥିବା ଆଲୋଚ୍ୟ ଦୁଇ ଉପନ୍ୟାସରେ ଓଡ଼ିଶାର ଇତିହାସ ପ୍ରତିଫଳିତ।

ଏ ଉଭୟ ଉପନ୍ୟାସ ଐତିହାସିକ ରୋମାନ୍ସଧର୍ମୀ ଉପନ୍ୟାସ। ନାୟକର ବୀରତ୍ୱପୂର୍ଣ୍ଣ ଦୁଃସାହସିକ କାର୍ଯ୍ୟାବଳୀ ବର୍ଣ୍ଣିତ। ତତ୍କାଳୀନ ସମାଜ ଚିତ୍ର ଏଠାରେ ସୁସ୍ପଷ୍ଟ। ଏହା ସହ ଜାତୀୟତାପ୍ରୀତି ମଧ୍ୟ ଏଠାରେ ପ୍ରତିଫଳିତ। ପ୍ରେମ ଓ ପାପପୁଣ୍ୟର ବିଚାର ଉଭୟ ଉପନ୍ୟାସରେ ଲେଖକୀୟ ମାନସିକତାକୁ ସ୍ପଷ୍ଟ କରିଦିଏ। ଉଭୟ ଉପନ୍ୟାସ ସାହିତ୍ୟ ପାଇଁ ମୂଲ୍ୟବାନ।

ଉପନ୍ୟାସ ସାହିତ୍ୟରେ ଅନ୍ୟ ଏକ ପୂର୍ଣ୍ଣାଙ୍ଗ କୃତି ହେଲା ରାମଶଙ୍କର ରାୟଙ୍କ 'ବିବାସିନୀ'। ମୟୁରଭଞ୍ଜରୁ ପ୍ରକାଶିତ 'ଉତ୍କଳ ପ୍ରଭା'ରେ ଏହା ସ୍ଥାନିତ ହେଉଥିଲା। ୧୮୯୧ ରୁ ୧୮୯୫ ପର୍ଯ୍ୟନ୍ତ ଏହା କ୍ରମାଗତ ଭାବରେ ପ୍ରକାଶିତ।

ମରହଟ୍ଟା ସୁବେଦାର ଶମ୍ଭୂଜୀ ଗଣେଶର ଦମନମୂଳକ ଶାସନରେ ତ୍ରସ୍ତ ଓ ଦୁର୍ଭିକ୍ଷ କବଳିତ ଓଡ଼ିଆଙ୍କ ଦୁର୍ଦ୍ଦଶା ଭୋଗ ଏ ଉପନ୍ୟାସଟିର କଥାବସ୍ତୁ। ଏହା ମଧ୍ୟ ଏକ ଐତିହାସିକ ପୃଷ୍ଠଭୂମିରେ ଦଣ୍ଡାୟମାନ। ଦୁର୍ଭିକ୍ଷ ତ ପ୍ରାକୃତିକ କିନ୍ତୁ ଶମ୍ଭୁଜୀଙ୍କ ନିଷ୍ଠୁର ଶାସନ ଓଡ଼ିଶାର ଲୋକଙ୍କ ବେଶି ଦୁଃଖର କାରଣ ଥିଲା। ଧନୀମାନଙ୍କର ସମ୍ପତ୍ତି ଲୁଣ୍ଠନ କରି ଗରିବମାନଙ୍କୁ ଦେବାପାଇଁ ଗୋଟିଏ ଦସ୍ୟୁଦଳ ଗଠନ କରିଥିବା ଜଣେ ମହାନ ବ୍ୟକ୍ତି ଭାବରେ କୁଜଙ୍ଗର ଷଣ୍ଢ ରାଜା ବେଶ ସୁନାମର ଅଧିକାରୀ ଥିଲେ। ମରହଟ୍ଟା ଶାସନ କାଳରେ ସୁଦ୍ଧା ମରହଟ୍ଟା ସୁବେଦାରଙ୍କୁ ସେ ଅବଜ୍ଞା କରୁଥିଲେ।

ଦୁର୍ଭିକ୍ଷ ପ୍ରପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ଯେଉଁ ଡାକୁଦଳ ଗଠିତ ହୁଏ ତା'ର ନେତୃତ୍ୱ ଦିଆଯାଏ ରଘୁନାଥ ପଟ୍ଟନାୟକଙ୍କୁ। ଧନୀକ ରାଧାଗୋବିନ୍ଦ ଚୌଧୁରୀଙ୍କ ଧନସମ୍ପଦ ଲୁଟ ହୁଏ। ଏଥି ସହିତ ଚୌଧୁରୀଙ୍କ ପାଳିତା କନ୍ୟା ବାଲ୍ୟ ବିଧବା କଳାବତୀଙ୍କୁ ମଧ୍ୟ ଅପହରଣ କଲେ। ତତ୍‌ସହିତ ଗୋବର୍ଦ୍ଧନ ଦାସଙ୍କ କନ୍ୟା ରସକଳାକୁ ମଧ୍ୟ। ଦୁର୍ଭିକ୍ଷ ପ୍ରପୀଡ଼ିତ ଜନତା ଉପରେ ସଦୟ ହୋଇପାରି ନଥିଲା। ଅଧିକା ଟିକସ ଏବଂ ଉପହାର ଭାବରେ ଅତ୍ୟଧିକ ଧନ ଦାବି କରୁଥିଲା। ତେବେ ତା'ର ପ୍ରଶାସନ ଭିତରୁ ଜଣେ ଅଧିକାରୀ ଦୟାଳୁ ଥିଲେ। ଡାକୁ ଦଳର ଉଦ୍ଦେଶ୍ୟ ସେ ଜାଣିପାରିଥିଲେ। ତେଣୁ ଏମାନଙ୍କୁ ସେ ସହାୟତା କରୁଥିଲେ।

କଳାବତୀର ପ୍ରେମ କାହାଣୀ ମଧ୍ୟ ଏ ଉପନ୍ୟାସଟିକୁ ସମୃଦ୍ଧ କରେ। କଳାବତୀ ହେଉଛି ବିବାସିନୀ। ବାଲ୍ୟବିଧବା ଥିବାରୁ ନିଜକୁ ସିଏ ସୁଖପ୍ରଦ ଜୀବନରୁ ନିର୍ବାସିତ କରି ରଖିଥିଲା। ସେ ସାମାଜିକ ଦାୟକୁ ନିର୍ବାହନ କରି ବିଶ୍ୱାସ କରୁଥିଲା ଯେ ସତୀତ୍ୱ ଓ ପବିତ୍ରତାର ଜୀବନ ବଞ୍ଚିବାକୁ ସେ ବାଧ୍ୟ। ତେଣୁ ତ ରଘୁନାଥ ପ୍ରତି ତା'ର ପ୍ରେମଭାବ ଆସିଥିଲେ ବି ସେ ଏଇଆକୁ ନିୟନ୍ତ୍ରଣ କରିଛି। ରଘୁନାଥକୁ ଭାଇ ଘୋଷଣା କରିଛି।

ରସକଳା ଦରିଦ୍ରମାନଙ୍କ ପ୍ରତି ଦୟାବତୀ, କରୁଣାବତୀ ଓ ଦାନଶୀଳ। କଳାବତୀ କିମ୍ବା ରସକଳା ମଧ୍ୟରୁ ଜଣକୁ ରଖିବାକୁ ଚାହୁଁଥିଲା ମାୟାଧର ଯିଏକି ରଘୁନାଥର କକା ଏବଂ ଏ ଦସ୍ୟୁ ଦଳର ଜଣେ ସହକାରୀ। କିନ୍ତୁ ତା'ର ଇଚ୍ଛା ପୂରଣ ହେଲା ନାହିଁ। ତେଣୁ ଈର୍ଷାପରାୟଣ ହୋଇ ଶତ୍ରୁତା ଆଚରଣ କଲା। ମରହଟ୍ଟା ସୁବେଦାର ଶମ୍ଭୁଜୀ ପାଖରେ କହିଲା ନବଗ୍ରାମ ଡକାୟତି ବିଷୟରେ। ଡକାୟତ ଦଳ ବିରୁଦ୍ଧରେ ଶମ୍ଭୁଜୀ ଗଣେଶ କିଛି ପଦକ୍ଷେପ ନେବା ପୂର୍ବରୁ ଉତ୍ୟକ୍ତ ଲୋକେ ଶମ୍ଭୁଜୀଙ୍କ ଘରେ ନିଆଁ ଲଗାଇଦେଲେ।

ଶମ୍ଭୁଜୀ କାଠଯୋଡ଼ି ପାର କରି ଅନ୍ୟ ପାଖରେ ଥିବା ଜଙ୍ଗଲରେ ଆତ୍ମଗୋପନ କଲେ । ମାୟାଧର ନଦୀ ପାରି କରିପାରିଲା ନାହିଁ । ପାଣିରେ ବୁଡ଼ିଗଲା ।

ରଘୁନାଥ ପ୍ରଥମରୁ ହିଁ ଥିଲା ମୃତଦାର । କଳାବତୀକୁ ବିବାହ କରିବାର ଇଚ୍ଛା କଲା । ମାତ୍ର ଷଣ୍ଡରାଜା ଓ କଳାବତୀ ଉଭୟଙ୍କ ଅନୁରୋଧରେ ରଘୁନାଥ ରସକଳାକୁ ବିବାହ କଲା ।

କଳାବତୀ ମହାନଦୀକୁ ଡେଇଁ ଆତ୍ମହତ୍ୟା କଲା ।

ରାମଶଙ୍କର ରାୟ ମଧ୍ୟ ପ୍ରେମ ପ୍ରଣୟ ଚିତ୍ରଣରେ ବେଶ୍ ସଂଯମ ଓ ପରିଶୀଳିତ । ନାୟିକାର ରୂପ ବର୍ଣ୍ଣନା ଏ ଉପନ୍ୟାସରେ ମଧ୍ୟ ରହିଛି । ରୀତିଯୁଗୀୟ ରୂପ ବର୍ଣ୍ଣନା ଓ ଯୌବନର ଆଗମନକୁ ନିଖୁଣ ଭାବରେ ଚିତ୍ରଣ କରିଛନ୍ତି । ଅନ୍ୟପକ୍ଷରେ ଲୋକଙ୍କର ଅତ୍ୟନ୍ତ ଶୋଚନୀୟ ଜୀବନଧାରଣର କରୁଣ ଚିତ୍ର ଉପନ୍ୟାସଟିର ମାନ ବୃଦ୍ଧି କରିପାରେ ।

ସମାଜ ସଂସ୍କାରର ପ୍ରୟାସ ରାମଶଙ୍କରଠାରେ ମଧ୍ୟ ଦେଖିବାକୁ ମିଳେ । କୃତି ଭିତରେ ଲେଖକୀୟ ଆବିର୍ଭାବ ଏଥିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ।

ଈଶ୍ୱର ବିଶ୍ୱାସ ଓ ନୈତିକତା ଉପରେ ମଧ୍ୟ ବିବାସିନୀର ସମର୍ଥନ ରହିଛି । ପାପର ବିନାଶ ହେବ, ଧର୍ମର ଜୟ ହେବ ଏ ଧାରଣା ମଧ୍ୟ ଉପନ୍ୟାସକାରଙ୍କ ବିଶ୍ୱାସର ବିଷୟ । ବିପଦ ସମୟର ବନ୍ଧୁ ଯେ ପ୍ରକୃତ ବନ୍ଧୁ ହିତୋପଦେଶର ଏଇ ବାର୍ତ୍ତା ଉପନ୍ୟାସରେ ଦେଖିବାକୁ ମିଳେ । ଏ ଉପନ୍ୟାସରେ ପୁଣି ସଂଳାପଧର୍ମୀତା ଏକ ବିଶିଷ୍ଟ ଦିଗ ।

'ଭୀମାଭୂୟାଁ' ଉପନ୍ୟାସଟି ୧୯୦୮ ମସିହାରେ ରଚିତ । ଏହାର ଲେଖକ ଗୋପଳ ବଲ୍ଲଭ ଦାସ । ପ୍ରଥମ ଆଦିବାସୀ ଉପନ୍ୟାସ ଭାବରେ ଏହା ସୁବିଦିତ । ଏହା ପ୍ରେମମୂଳକ । ଭୀମା ଓ ଚିନାମାଳୀର ପ୍ରେମର ଜୀବନ୍ତ ଚିତ୍ର ଦେଖିବାକୁ ମିଳେ । ତେବେ ଚିନାମାଳୀ ସହ ଭୀମାର ବଡ଼ଭାଇ ବାଣାଶୁରର ବିବାହ ହୁଏ ।

ଉପନ୍ୟାସଟିରେ ଭୀମାର ବୁଦ୍ଧିମତ୍ତା, ସାହସ, ତ୍ୟାଗ, ବୀରତ୍ୱ ସବୁର ବର୍ଣ୍ଣନା ରହିଛି । ଭୀମା ଭୂୟାଁ ଜାତିର ହୋଇଥିବାରୁ ତା' ଜୀବନ ସହିତ ଭୂୟାଁମାନଙ୍କ ଜୀବନଚର୍ଚ୍ଚା ଏଠାରେ ଦେଖିବାକୁ ମିଳେ । ଗଡ଼ଜାତ ଶାସନ ବ୍ୟବସ୍ଥା, ଯୁଦ୍ଧ ଆଦିର ଚିତ୍ର ଚିତ୍ରିତ । ପୁରୁଷ ରୂପ ବର୍ଣ୍ଣନାର ସ୍ୱରୂପ ଏଠାରେ ହରିଚନ୍ଦନ ମର୍ଦ୍ଦରାଜଙ୍କ ରୂପ ବର୍ଣ୍ଣନାରେ ସୁସ୍ପଷ୍ଟ । ଏଠାରେ ଈଶ୍ୱର ବିଶ୍ୱାସ ଧାର୍ମିକତାର ବର୍ଣ୍ଣନା ରହିଛି । ସଂଳାପଧର୍ମୀତା ଉପନ୍ୟାସ ବର୍ଣ୍ଣନାରେ ଜୀବନ ଭରି ଦେଇଛି ।

ଓଡ଼ିଆ ଉପନ୍ୟାସ ସାହିତ୍ୟରେ ପାପ ବିରୁଦ୍ଧରେ ସଚେତନ ହେବା ଅନ୍ୟାୟ ପ୍ରତି ସଚେତନ ହେବାର ଚିତ୍ର ଥିଲା । ତେବେ ଫକୀରମୋହନଙ୍କ କଥା ସାହିତ୍ୟ ବେଳକୁ ଏସବୁରେ ବେଶ ଏକ ବିପ୍ଳବାତ୍ମକ ସଚେତନା ଦେଖିବାକୁ ମିଳେ । ମୁକ୍ତି ଚିନ୍ତାର ଭାବ ଦେଖିବାକୁ ମିଳେ । ପଣ୍ଡିତମାନଙ୍କ ଧାର୍ମିକ, ଆର୍ଥିକ ଶୋଷଣ, ଜମିଦାରୀ ଶୋଷଣ, ସାଧୁମାନଙ୍କର ଠକାମି, ପୁରୁଷ ଦ୍ୱାରା ନାରୀର ଅତ୍ୟାଚାର କଳା ଦମନ ବିରୁଦ୍ଧରେ, ଜାତି ଜାତି ଭିତରେ ଭେଦଭାବ ବିରୁଦ୍ଧରେ ଫକୀରମୋହନ କଥା ସାହିତ୍ୟ ବେଶ୍ ମୁଖର ।

ଓଡ଼ିଶାରେ ମରହଟ୍ଟା ଶାସନ ଓ ଇଂରେଜଶାସନ ବିରୁଦ୍ଧରେ କଥାବସ୍ତୁ ଗ୍ରହଣ କରିଛି ତତ୍କାଳୀନ ଉପନ୍ୟାସ । 'ବିବାସିନୀ'ରେ ଦୁର୍ଭିକ୍ଷ ପ୍ରପୀଡ଼ିତ ଉତ୍କଳୀୟ ସମାଜରେ ନିଷ୍ଠୁର ଶମ୍ଭୁଜୀଙ୍କ ଶୋଷଣ ଚିତ୍ର ଦେଖିବାକୁ ମିଳେ । କିନ୍ତୁ ବେଶି ଶୋଷଣ କରିଛନ୍ତି ଦେଶୀୟ ଫୌଜଦାରମାନେ । ଫୌଜଦାରୀ ପାଇଲା ପରେ ବେଶି ବେଶି କର ଅସୁଲ କଲା ଗରିବ ପ୍ରଜାଙ୍କଠାରୁ ।

ଶାସନର ପ୍ରତିଟି ସ୍ତରରେ ଦୁର୍ନୀତି ଥିଲା । ଚପରାସିଠାରୁ ଆରମ୍ଭ କରି ବଡ଼ ହାକିମ ପର୍ଯ୍ୟନ୍ତ ସମସ୍ତେ ଶାସନର ଦୁରୁପଯୋଗ କରୁଥିଲେ । ଉପୁରି ଅସୁଲ କରୁଥିଲେ ।

'ଛ'ମାଣ ଆଠଗୁଣ୍ଠ'ରେ ମଧ୍ୟ ମଙ୍ଗରାଜ, ଚୌକିଦାର, ପୁଲିସ, ଓକିଲ ସମସ୍ତଙ୍କ ଶୋଷଣର ଚିତ୍ର ପ୍ରଦାନ କରାଯାଇଛି । 'ମାମୁ'ରେ ମଧ୍ୟ ଶାସକଙ୍କର ଶୋଷଣ ଜୀବନ୍ତ ଭାବରେ ଉଲ୍ଲିଖିତ । ଇଂରେଜ ପଦସ୍ଥ ଅଫିସରଙ୍କ ଅୟସି ଶାସନ ଯୋଗୁଁ ଦେଶୀୟ ଅଧସ୍ତନମାନେ ବେଶି ଶୋଷଣ କରିବାରେ ସଫଳ ହୋଇଛନ୍ତି ।

ଜାତିପ୍ରଥା ବିରୁଦ୍ଧରେ ମଧ୍ୟ ଫକୀରମୋହନ ବେଶ୍ ମୁଖର । 'ପ୍ରାୟଶ୍ଚିତ' କିମ୍ବା 'ମାମୁ' ଉପନ୍ୟାସ ଦୁଇଟି ଏହାର ସଫଳ ଦୃଷ୍ଟାନ୍ତ । ବୃଥା ବଡ଼ ଜାତି ଛୋଟ ଜାତିର ଭେଦାଭେଦ 'ପ୍ରାୟଶ୍ଚିତ'ରେ ଦେଖିବାକୁ ମିଳେ । 'ମାମୁ'ଙ୍କର ରୋଷେଇବାସ ଯେ ନିଜ ଜାତିର ହେଲେ ଯାଇ କରି ପାରିବ ତାହା ସ୍ପଷ୍ଟ । ଗୃହ ଚାକର ତେଣୁ ସ୍ୱଜାତିର ହେବା ଉଚିତ ଥିଲା । ବିବାହ ତ ନିଶ୍ଚୟ ନିଜ ଜାତିରେ ହେବ, ନ ହେଲେ ସାତପୁରୁଷ ସବୁ ନର୍କରେ ପଡ଼ିବେ । ପୁଣି ଜାତି ଅନୁଯାୟୀ ବିବାହରେ ବେପାରୀ ଲୋଭୀ ଜାତିର ହେଲେ କନ୍ୟା ହାତରେ ଅଳଙ୍କାର ଦେଖିବା ଆଗ ।

ଜାତି ଜାତି ଭିତରେ କେବଳ ଭେଦ ନ ଥିଲା । ନିଜ ଜାତି ଭିତରେ ବି କ୍ଷେତ୍ରୀୟତା ଅନୁସାରେ ଅସମାନତା ଥିଲା । ଫକୀରମୋହନ ଜାତିପ୍ରଥା ବିରୁଦ୍ଧରେ ସ୍ୱର ଉଠାଇଥିଲେ । ପରେ ତାହା କାଳୀବୋହୂ ଉପନ୍ୟାସ ଆଡ଼କୁ ତୀବ୍ର ହୋଇଥିଲା ।

ଜାତିର ଅସମାନତା ପରି ନାରୀ ପୁରୁଷର ଅସମାନତା ଥିଲା ଖୁବ୍ ଗମ୍ଭୀର ଓ ରୁଗ୍ଣ । ସମାଜରେ ପୁରୁଷ ଶ୍ରେଷ୍ଠ ଓ ନାରୀ ଦ୍ୱିତୀୟ ଶ୍ରେଣୀର ବୋଲି ଗ୍ରହଣ କରାଯାଇଥିଲା ।

'ରେବତୀ'ରେ ରେବତୀର ପାଠପଢ଼ା ବିଷୟ ଉତ୍‌ଥାପନ ଆଳରେ ସମାଜର ଅନ୍ଧବିଶ୍ୱାସ ଯେ କିପରି ଦୃଢ଼ୀଭୂତ ଥିଲା ନାରୀଶିକ୍ଷା ଉପରେ ତାହା ଅତି ମାର୍ମିକ । ଏମାନେ କେବଳ ଘରକାମ ଶିଖିବା ଉଚିତ । ପାଠପଢ଼ିବା ନୁହେଁ । ଝିଅ ପାଠ ପଢ଼ିଲେ କୁଳ ନାଶ ଯାଏ ଭଳି ଅତି ଜଘନ୍ୟ ବିଶ୍ୱାସ ଆମ ସମାଜକୁ କଳଙ୍କିତ କରି ରଖିଥିଲା; ଯାହା ଏ ଗଳ୍ପଟିରେ ଦେଖିବାକୁ ମିଳେ ।

'ମାମୁ' ରେ ଚାନ୍ଦମଣିର ଶିକ୍ଷା ପାଇଁ ନିଜ ଘରେ ଗୋଟିଏ ଖ୍ରୀଷ୍ଟାନ୍ ପାଠମା' ରଖାଯାଇଛି । 'ପ୍ରାୟଶ୍ଚିତ'ରେ ମହାନ୍ତି ଝିଅ ଇନ୍ଦୁମତୀ ଚାଟଶାଳୀ ଯାଇଛି ।

ସମାଜରେ ନାରୀ ହେବା ତ ଅଭିଶାପର ବିଷୟ ଥିଲା । ଯଦି ସିଏ ବିଧବା ହୁଏ ତା' ହେଲେ ତ ସାମାଜିକ ନିର୍ଯ୍ୟାତନା ଆହୁରି ଅଧିକ ବଢିଯାଉଥିଲା । ସେ ପୁଣି ହେଉଥିଲା 'ଅଲକ୍ଷଣୀ' । ବାଲ୍ୟ ବିବାହ ଏହାର ଗୋଟିଏ ବଡ଼ କାରଣ ।

ବିଧବାମାନଙ୍କ ଦୟନୀୟ ଜୀବନ ଉପନ୍ୟାସକାରମାନଙ୍କୁ ନିଶ୍ଚିତ ରୂପରେ ବ୍ୟଥିତ କରିଛି। ତେଣୁ 'ବିବାସିନୀ'ରେ କଳାବତୀ, 'କନକଲତା'ରେ, ଉମା 'କାଳିବୋହୂ'ରେ ଲକ୍ଷ୍ମୀ ଏ ସମୟର ପ୍ରତିନିଧି ସ୍ଥାନୀୟ ଚରିତ୍ର। ବିଧବା ହେବାପରେ ଏମାନେ ସମାଜର ଘୃଣାକୁ ସାମ୍ନା କରନ୍ତି। ଶରୀର ଶୋଷଣର ଜାଲରେ ପଡ଼ନ୍ତି। କେହି ବି ପୁଣି ଥରେ ମର୍ଯ୍ୟାଦାପୂର୍ବକ ଜୀବନଯାପନ କରିବା ଏକ ପ୍ରକାର ଅସମ୍ଭବ ହୋଇପଡ଼େ। ଫଳରେ ଏମାନେ ବେଳେ ଆତ୍ମହତ୍ୟା କରିବାକୁ ବାଧ ହେଉଥିଲେ। ସ୍ୱାମୀର ମୃତ୍ୟୁ ଏମାନଙ୍କ ହାତର ବିଷୟ ନୁହେଁ। କିନ୍ତୁ ସ୍ୱାମୀର ମୃତ୍ୟୁ ପାଇଁ କମ୍ ଦାୟୀ କରାହୁଏ ନାହିଁ ଏମାନଙ୍କୁ। ସ୍ୱାମୀ କୁଆଡ଼େ ଖାଇ ଯାନ୍ତି ଏମାନେ।

ରାମଶଙ୍କର ରାୟ କି ନନ୍ଦକିଶୋର ବଳ ବିଧବାମାନଙ୍କ କରୁଣ ଜୀବନ ଉପସ୍ଥାପନ କଲେ ମାତ୍ର ଦୃଢ଼ ଭାବରେ ବିଧବା ବିବାହକୁ ସମ୍ମତି ଦେଇ ପାରିଲେ ନାହିଁ। ଏ କ୍ଷେତ୍ରରେ କୁନ୍ତଳା କୁମାରୀଙ୍କ ଦୃଢ଼ତା ବେଶ୍ ମନୋଜ୍ଞ। ଭାରତୀୟ ସମାଜରେ କୁନ୍ତୀ ସତ୍ୟବତୀ, ଦ୍ରୌପଦୀଙ୍କ ଜୀବନ ବିଷୟ ଉତ୍ଥାପନ ପୂର୍ବକ ବିଧବା ଲକ୍ଷ୍ମୀର ପୁନର୍ବିବାହ କରାଇଦିଅନ୍ତି ସଦାନନ୍ଦ ହାତରେ। ଯେଉଁ ସମାଜରେ ନାରୀ ବିବାହ ପୂର୍ବରୁ ସନ୍ତାନ ଜନ୍ମ କରି ମହାନ ହୁଏ, ବହୁପତି ଗ୍ରହଣ କରି ସତୀ ହୋଇପାରେ ଜଣେ ବିଧବାର ପୁଣି ଥରେ ବିବାହକୁ ସମାଜ ଯେ ଏତେ ବେଶି ଲାଲ୍ ଆଖି ଦେଖାଇଛି। ସମାଜର ଏ ଦୁଇପ୍ରକାର ନ୍ୟାୟ ଉପରେ ପ୍ରଶ୍ନ କରନ୍ତି କୁନ୍ତଳା କୁମାରୀ ସାବତ।

ନାରୀର ଅପମାନ ଏତିକିରେ ଶେଷ ହୁଏ ନାହିଁ। ବିବାହ କରିବାକୁ ହେଲେ ତାକୁ ତା' ବିବାହ ପାଇଁ କନ୍ୟସୁନା ହେବାକୁ ହୁଏ। 'ଛ' ମାଣ ଆଠଗୁଣ୍ଠ', 'ମାମୁ' ରେ ଏହାର ଚିତ୍ର ସୁସ୍ପଷ୍ଟ। ବ୍ରାହ୍ମଣ ସମାଜରେ ଏହାର ଆରମ୍ଭ ହୁଏ ଓ କ୍ରମେ ଅନ୍ୟମାନଙ୍କ ପାଖକୁ ପ୍ରସରିଯାଏ।

ଓଡ଼ିଆ ଗାଳ୍ପିକମାନଙ୍କ ଭିତରେ ଅନନ୍ତ ପ୍ରସାଦ ପଣ୍ଡା ବିଶେଷ ସ୍ଥାନର ଅଧିକାରୀ। ତାଙ୍କର 'ଅତୃପ୍ତ ବାସନା' ଗଳ୍ପରେ ବିଧବା ସରଳାକୁ ଶିକ୍ଷିତ ଯୁବକ ଉପେନ୍ଦ୍ର ବିବାହ କରିବାର ଇଚ୍ଛା କରେ। ତେବେ ସରଳା ମନା କରେ। 'କର୍ମର ଫଳ' ଗଳ୍ପରେ ବିଧବା ଚରିତ୍ର ହେଉଛି କଉଶୁଲୀ। ସେ ଜମିଦାରଙ୍କ ଭୋଗ ଲାଳସାର ଶିକାର ହୁଏ। 'ଛତ୍ରଖାଇ' ଗଳ୍ପରେ ବିଧବା ବ୍ରାହ୍ମଣୀର ଜୀବନ ବଡ଼ କରୁଣ। ବ୍ରାହ୍ମଣ ଜାତିରେ ବିଧବା ହେବା ସବୁଠୁ ଦୁଃଖଦାୟକ। ସମାଜଦ୍ୱାରା ଘୃଣ୍ୟ ଏଇ ବିଧବା କିନ୍ତୁ ଅନ୍ୟର ଅସମୟରେ ସହାୟିକା। 'ଅର୍ଥର ମୋହ' ଗଳ୍ପରେ ମଧ୍ୟ ବିଧବା ଜୀବନର ଉପସ୍ଥାପନା ଅଛି।

ସମାଜର ଧନପତି, ସମାଜପତି ଚତୁର ଭୋଗବାଦୀ ବର୍ଗର ମଣିଷ ବିଧବା ନାରୀ ଜୀବନର କରୁଣ ଅବସ୍ଥାର ସୁଯୋଗ ନିଅନ୍ତି। ଶୋଷଣ କରନ୍ତି। ନାରୀ ବିଧବା ହେଲେ ତା'ର ଜୀବନ ଯେ ଅଭିଶପ୍ତ ଏହା ଏମାନେ ଚାପଦେଇ ରଖିଥାନ୍ତି। କାରଣ ତାଙ୍କର ସ୍ୱାର୍ଥ ସିଦ୍ଧି। ଭୋଗ କରିବାର ପାଶବିକତା। ଗୋଦାବରୀଶ ମିଶ୍ରଙ୍କ 'ତୋଳାକନ୍ୟା', 'ବିଧବା କନ୍ୟା' ପ୍ରଭୃତି ଗଳ୍ପଗୁଡ଼ିକରେ ବିଧବା ନାରୀର ଅସହାୟତା ବର୍ଣ୍ଣିତ।

ବିଧବା ସମସ୍ୟା ଉପରେ ପରବର୍ତ୍ତୀ ସମୟରେ ଓଡ଼ିଆ କଥା ସାହିତ୍ୟର କ୍ଲାସିକ ଗଳ୍ପ 'ନୀଳମାଷ୍ଟ୍ରାଣୀ' ଏକ ମାଇଲଖୁଣ୍ଟ। ନୀଳ ବାଲ୍ୟ ବିବାହ କରେ। ପୁଣି ଏସମୟରେ ହିଁ ବିଧବା ହୁଏ। ତେଣୁ ଯୁବତୀ ହୋଇ ଆଉ ବିବାହ କରିପାରିଲା ନାହିଁ। ବିଧବା ବିବାହ ସମାନ ଆଖିରେ ଥିଲା ଦୋଷାବହ। ନୀଳ ପାଠ ପଢ଼ିଲା। ମାଷ୍ଟ୍ରାଣୀ ହେଲା। ମାଷ୍ଟ୍ରାଣୀ ହୋଇ ମଦନକୁ ପ୍ରେମ କଲା। ଶିକ୍ଷକତା ଛାଡ଼ି ମଦନ ସେଠୀକୁ ବିବାହ କଲା।

ସମାଜରେ ଝିଅମାନଙ୍କ ପାଠପଢ଼ା ପ୍ରତି ଅନ୍ଧବିଶ୍ୱାସ ବିଧବାର ପୁର୍ନବିବାହକୁ ଘୃଣା କରିବା ବିରୁଦ୍ଧରେ 'ନୀଳମାଷ୍ଟ୍ରାଣୀ' ଗଳ୍ପଟି ଓଡ଼ିଆ କଥା ସାହିତ୍ୟର ନିଶ୍ଚିତ ପ୍ରତିବାଦ। ବାଲ୍ୟ ବିଧବା ତେଣୁ ପାଠ ବି ପଢ଼ିଛି, ପୁଣି ଥରେ ବିବାହ ବି କରିଛି।

କନ୍ୟା ବିବାହ ଦେଇ ରୋଜଗାର କରିବା ଭଳି ବିଷୟ ବ୍ରାହ୍ମଣ ସମାଜକୁ କବଳିତ କରିଥିଲା। ତେଣୁ କନ୍ୟା ଦେଇ ତା ବିନିମୟରେ ପଇସା ନେବାକୁ ପରବର୍ତ୍ତୀ ସମୟରେ ସଚେତନ ମଣିଷ ଭିତରେ ଆଲୋଡ଼ନ ସୃଷ୍ଟି କରିଥିଲା।

କନ୍ୟାସୁନା ପ୍ରଥାର ପ୍ରଥମ ରୂପକାର ହେଉଛନ୍ତି ଗାଳ୍ପିକ ଫକୀରମୋହନ। 'ମାଧ ମହାନ୍ତିଙ୍କ କନ୍ୟାସୁନା' ଗଳ୍ପରେ ମାଧ ମହାନ୍ତି ଟଙ୍କା ରଖିବା ପାଇଁ ମୁଣି ସିଲେଇ କରିବା ଏକ ଜଘନ୍ୟ ପିତୃ କଳଙ୍କର ବିଷୟ। ତାଙ୍କ ପରେ ଗାଳ୍ପିକ ଅନନ୍ତ ପ୍ରସାଦ ପଣ୍ଡା ବେଶ୍ ସଂସ୍କାରବାଦୀ ଗାଳ୍ପିକ ଭାବରେ ପରିଚିତ। କନ୍ୟାସୁନାର ଚିତ୍ରଣ 'ଅତୃପ୍ତ ବାସନା','କର୍ମର ଫଳ' ଓ 'ଅର୍ଥମୋହ' ଗଳ୍ପରେ ଦେଖିବାକୁ ମିଳେ। 'ଅତୃପ୍ତ ବାସନା'ରେ ବାପା ମା' ସମସ୍ତଙ୍କ ଇଚ୍ଛା ଝିଅଟିଏ ବଦଳରେ ବେଶ ପଇସା ମିଳିଯିବ। ଅର୍ଥ ଲିପ୍ସୁ ଏମାନେ ସଭିଏଁ। କେହି ଦେଖନ୍ତି ନାହିଁ ବର ଯୋଗ୍ୟ କି ନୁହେଁ, ମଣିଷ କି ଅମଣିଷ। ଯିଏ ବେଶି କନ୍ୟାସୁନା ଦେଇ ପାରିଲା ଝିଅ ତା'ର। ଗଳ୍ପଟିରେ ସରଳାର ବିବାହ ହୁଏ ଷାଠିଏ ବର୍ଷର ବୃଦ୍ଧ ଜଣକ ସହିତ। ଯାହାର ମୃତ୍ୟୁ ହୁଏ। କନ୍ୟା ସୁନାର କୁସଂସ୍କାର ଯୋଗୁଁ ଝିଅଟିଏ ବିଧବା ହୁଏ। 'କର୍ମର ଫଳ' ଗଳ୍ପରେ ମଧ କଉଶୁଲୀର ବୈଧବ୍ୟର କାରଣ 'କନ୍ୟାସୁନା' ପ୍ରଥା। 'ଅର୍ଥର ମୋହ' ଗଳ୍ପରେ ମଧ ଲବଙ୍ଗଲତାର ବିବାହ ହୁଏ ବୃଦ୍ଧ ଦିବାକର ତିହାଡ଼ୀ ସହ। ଲବଙ୍ଗଲତା ଗାଁ ମହାଜନ ତଥା ଗାଁର ଅନ୍ୟାୟକାରୀ ନରସିଂହ ତା'ର ଦେହ ଭୋଗ କରେ। ଅନ୍ତସତ୍ତା ହୁଏ ଲବଙ୍ଗଲତା। ଫଳରେ ଝିଅଟି ହୁଏ କଳଙ୍କିନୀ। ନ୍ୟାୟ ହୁଏ। ଶୋଷକ ନ୍ୟାୟ କରେ। ଶୋଷିତ ଆହୁରି ଦଣ୍ଡ ଭୋଗେ। ତାକୁ ବେଘର କରାଯାଏ। କେବଳ 'କନ୍ୟାସୁନା' ଯେମିତି ମୂଳ କାରଣ। ଏହାରି ଆଳରେ ସମାଜର ଧନୀ ନ୍ୟାୟପତିମାନେ ନାରୀ ଶୋଷଣର ସୁଯୋଗ ପାଆନ୍ତି।

ବିବାହର ଅନ୍ୟ ପକ୍ଷଟି ହେଉଛି ଯୌତୁକ ପ୍ରଥା। ଏଥିରେ କନ୍ୟା ପକ୍ଷ ବରପକ୍ଷକୁ ଟଙ୍କା ସୁନା ଦ୍ରବ୍ୟ ଆଦି ପ୍ରଦାନ କରୁଥିଲେ। କେବଳ ବାଧ ହୋଇ ବରର ସ୍ତର ଦେଖି ତାହା ନିର୍ଣ୍ଣୟ କରାଯାଉଥିଲା। 'କନକଲତା' ଉପନ୍ୟାସ ଏହା ଉପରେ ଦୃଷ୍ଟିପାତ କରିଛି। ଏଭଳି ଏକ ଘୃଣ୍ୟ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛି।

ସମାଜକୁ ଧାର୍ମିକ କୁସଂସ୍କାର ଅତ୍ୟଧିକ ଭାବରେ କଳଙ୍କିତ କରିଥିଲା। ଧର୍ମ ନାଁରେ ହିଁ ନିରୀହ ଶାରିଆ ଭଗିଆର ଜୀବନ ଉଜୁଡ଼ି ଯାଏ। ଧୂଳିଆ ବାବାମାନଙ୍କ ଭଣ୍ଡାମି ଯୋଗୁଁ ସରଳବିଶ୍ୱାସୀ ମଣିଷ ଶୋଷିତ ହୁଏ। 'ମାମୁର ନରୁ କଟକ ପାଠ ପଢ଼ିବାକୁ ଯିବାବେଳେ ଧାର୍ମିକ ପୂଜା ପଦ୍ଧତି ଧାର୍ମିକ ବିଶ୍ୱାସ ଅନୁଯାୟୀ ହୁଏ। କିନ୍ତୁ ନରୁ ତ ଜୀବନରେ ବେଶି ବେଶି ଦୁଃଖ ପୀଡ଼ା ଭୋଗ କଲା।

ସମାଜରେ ଥିବା ଅନ୍ଧବିଶ୍ୱାସ କୁସଂସ୍କାର, ଧାର୍ମିକ ଶୋଷଣ, ଜାତିଭେଦ ଭଳି ବିଷୟରୁ ଉପରକୁ ଆସିବାକୁ କଥା ସାହିତ୍ୟ ବାର୍ତ୍ତା ପ୍ରଦାନ କଲା। ଏହି ନବଚେତନା ସମାଜରେ ନିରୀହ ମଣିଷ ଜୀବନର ତ୍ରାଣକର୍ତ୍ତା ହୋଇପାରିଥିଲା। ତେବେ କଥାସାହିତ୍ୟରେ ନବଚେତନା କୌଣସି ଏକ ସମୟ ଖଣ୍ଡରେ ସୀମାବଦ୍ଧ ନୁହେଁ। ଆଜି ପର୍ଯ୍ୟନ୍ତ ଲେଖକ ଲେଖିକାଗଣ ସମାଜର ନାନା ସଂକୀର୍ଣ୍ଣତା ବିରୁଦ୍ଧରେ ଚରିତ୍ରମାନଙ୍କୁ ଠିଆ କରାଉଛନ୍ତି।

ମାନବର ଚେତନା ସଂକୀର୍ଣ୍ଣତାମୁକ୍ତ ହେଲେ ଆହୁରି ଆଗକୁ ସୁନ୍ଦର ସମାଜଟିଏ ସୃଷ୍ଟି ହୋଇପାରିବ ବୋଲି କଥା ସାହିତ୍ୟର ବିଶ୍ୱାସ।

## ୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) ସୌଦାମିନୀ

(ଖ) ପଦ୍ମମାଳୀ

(ଗ) ଅମାବାସ୍ୟାର ଚନ୍ଦ୍ର

(ଘ) ଭୀମାଭୂୟାଁ

(ଙ) କେନ୍ଦୁଝର ବିଦ୍ରୋହ

(ଚ) କାଳି ବୋହୂ

(ଛ) ଛ'ମାଣ ଆଠ ଗୁଣ୍ଠ

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ ବିଷୟରେ ଆଲୋଚନା କର।

(ଖ) ଫକୀରମୋହନ ସେନାପତିଙ୍କ ଉପନ୍ୟାସରେ ଚିତ୍ରିତ ସାମାଜିକ ଚିତ୍ର କଳ୍ପନା କର।

## ୩.୬ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଉପନ୍ୟାସ (ଉନ୍ମେଷ ଓ ଉତ୍ତରଣ : ପ୍ରଥମ ପର୍ଯ୍ୟାୟ) - କୃଷ୍ଣ ଚରଣ ବେହେରା, ଜଗନ୍ନାଥ ରଥ, କଟକ, ୧୯୬୮।
- ଓଡ଼ିଆ ଉପନ୍ୟାସର ସମାଜତତ୍ତ୍ୱ - କଇଳାଶ ପଟ୍ଟନାୟକ।
- ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ - ବୈଷ୍ଣବ ଚରଣ ସାମଲ।
- ଓଡ଼ିଆ ଗଳ୍ପ ଉପନ୍ୟାସର ଦିଗଦିଗନ୍ତ - ଆଦିକନ୍ଦ ସାହୁ, ଚନ୍ଦ୍ରାବଳୀ ସାହୁ, ବୁର୍ଲା,୧୯୯୯।
- ଓଡ଼ିଆ ଗଳ୍ପ ଉନ୍ମେଷ ଓ ଉତ୍ତରଣ - ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୫।

# ଚତୁର୍ଥ ଏକକ : ଆଧୁନିକ

**ବିଷୟ ଗଠନ :**

୪.୧ ପଠନର ଉଦ୍ଦେଶ୍ୟ
୪.୨ ଶିକ୍ଷଣୀୟ ବିଷୟ
୪.୩ ବିଷୟ ପ୍ରବେଶ
୪.୪ କଥା ସାହିତ୍ୟର ଆଧୁନିକ ପର୍ବ
୪.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୪.୬ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

ସମାଜର ଦ୍ରୁତ ପରିବର୍ତ୍ତନ ଏହି ସମୟ ଖଣ୍ଡର ଏକ ମୁଖ୍ୟ ବିଶେଷତ୍ୱ। ଗମନାଗମନର ଦ୍ରୁତ ବିକାଶ ଓ ଆର୍ଥିକ ଉଦାରୀକରଣ ଆଧୁନିକ ମଣିଷର ଗତିଶୀଳ ଜୀବନ ତା'ର ଚିନ୍ତା ଚେତନା କଥା ସାହିତ୍ୟରେ ପ୍ରତିଫଳିତ। ଏହି ସମୟ ଖଣ୍ଡର କଥା ସାହିତ୍ୟରେ ମଣିଷର ବଞ୍ଚିବାର ଇଚ୍ଛାକୁ ରୂପାୟନ କରାଯାଇଛି। ଆଧୁନିକ ଓଡ଼ିଆ କଥା ସାହିତ୍ୟରେ ନାରୀର ସ୍ଥିତି ଓ ଅସ୍ତିତ୍ୱ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହି ଏକକ ପାଠ କଲେ ଆଧୁନିକ ମଣିଷର ଜୀବନଚର୍ଯ୍ୟା ଓ ସମାଜ ସମ୍ପର୍କରେ ଆମେ ଭଲ ଭାବରେ ଜାଣିପାରିବା।

## ୪.୨ ଶିକ୍ଷଣୀୟ ବିଷୟ

ଏହି ଏକକର ବଦ୍ୟାର୍ଥୀଗଣ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ଜାଣିପାରିବେ :-

- ଆଧୁନିକ କଥା ସାହିତ୍ୟର ଆଙ୍ଗିକ ଓ ଆତ୍ମିକ ଦିଗ
- ଆଧୁନିକ ମଣିଷର ମାନସିକତା
- ଆଧୁନିକ ସମାଜରେ ନାରୀ
- ଆଧୁନିକ ଓଡ଼ିଆ ଗଳ୍ପରେ ମୌଳିକତା

## ୪.୩ ବିଷୟ ପ୍ରବେଶ

ଓଡ଼ିଆ କଥା ସାହିତ୍ୟର ଇତିହାସରେ ଆଧୁନିକ ଯୁଗ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ବହୁ ପ୍ରତିଭାବାନ ଲେଖକ ଏହି ସମୟରେ କଥା ସାହିତ୍ୟ ସୃଷ୍ଟି କରିଛନ୍ତି। ପୂର୍ବରୁ ମନୋରଞ୍ଜନ ସକାଶେ କଥାସାହିତ୍ୟ ସୃଷ୍ଟି କରାଯାଇଥିଲା ମାତ୍ର ଏହି ସମୟ ଖଣ୍ଡରେ ମଣିଷର ସମାଜ ଓ ମାନସିକତାକୁ ଗୁରୁତ୍ୱାରୋପ କରାଗଲା। ଯାହା ଫଳରେ ଆଧୁନିକ ମଣିଷର ପ୍ରତିଛବି ଆଧୁନିକ କଥା ସାହିତ୍ୟରେ ବିଶେଷ ଭାବେ ପ୍ରତିଫଳିତ। ଏହି ସମସ୍ତ ବିଷୟ ଏହି ଏକକରେ ଆଲୋଚନା କରିବା।

## ୪.୪ କଥା ସାହିତ୍ୟର ଆଧୁନିକ ପର୍ବ

ଆଧୁନିକ କଥା ସାହିତ୍ୟରେ ମଣିଷର ଅସ୍ତିତ୍ୱ ଓ ତା'ର ବଞ୍ଚିବା ହିଁ ଲିପିବଦ୍ଧ। ମଣିଷର ବଞ୍ଚିବା ଉର୍ଦ୍ଧ୍ୱରେ ଆଉ କିଛି ନୁହେଁ। ଆଗ ସେ ବଞ୍ଚିବ। ଅସହାୟ ଅବସ୍ଥା ସବୁକୁ ସାମ୍ନା କରେ। ତା'ର ଏଇ ଅସହାୟତା ପଛରେ ଥାଏ ତା'ର ନିଃସଙ୍ଗତାବୋଧ। ନିଜକୁ ନଜାଣି ପାରିବା କାରଣରୁ ହିଁ ମଣିଷ ନିଜସ୍ୱ ଜୀବନକୁ ଭୋଗ କରିପାରେନା କିମ୍ବା ଜୀବନର ମୂଲ୍ୟ ବୁଝିପାରେନା। ନିଜକୁ ଜାଣିପାରିଲେ ହିଁ ଜଣେ ପ୍ରକୃତରେ ତା' ଆତ୍ମାକୁ ଭୋଗ କରିପାରେ। ମହାନ ସେକ୍ରେଟିସ କିମ୍ବା କିର୍କେଗାର୍ଡ଼ ନିଜକୁ ଜାଣିବା ଉପରେ କହିଛନ୍ତି। ନିତ୍‌ସେଙ୍କ ଅନୁସାରେ ଈଶ୍ୱରଙ୍କୁ ଜାଣିବାର କିଛି ଆବଶ୍ୟକ ନାହିଁ। ଆବଶ୍ୟକ ପ୍ରକୃତରେ ନିଜ ଭିତରର ମଣିଷଟିକୁ ଚିହ୍ନିବା।

ଈଶ୍ୱରଙ୍କଠାରୁ ଅଲଗା ହୋଇ ମଣିଷଟିଏ ସୃଷ୍ଟି ହୋଇଥାଏ। ପୃଥିବୀକୁ ଆସି ସେ ସ୍ୱର୍ଗ ରାଜ୍ୟର ସୁଖ ପାଇପାରେନା। ପୃଥିବୀରେ ଅନେକ ଦୁଃଖ। ତା'କୁ ଏହା ଭୋଗ କରିବାକୁ ପଡ଼େ। ସମାଜରୁ ସେପରି ମଣିଷଟିଏ ଅଲଗା ହୋଇଯାଏ। ଅଲଗା ହୋଇ ଦୁଃଖ ଯନ୍ତ୍ରଣା ପାଏ।

ଏକ କପୋଳକଳ୍ପିତ ସ୍ୱର୍ଗ ରାଜ୍ୟକୁ ଫେରିଯିବା ପାଇଁ ନିଜକୁ କିମ୍ବା ଅନ୍ୟକୁ କଷ୍ଟ ଦେବା ଏକାନ୍ତ ଅର୍ଥହୀନ ବିଷୟ। ସେଭଳି ବ୍ୟକ୍ତିଜୀବନକୁ ଉପେକ୍ଷା କରି ସାମାଜିକ ହେବା ଏକ ଅମୂଳକ ବିଷୟ। ମଣିଷର ଆବେଗ, ଉତ୍ତରଣର ଜୀବନ ଏଠାରେ ଉପେକ୍ଷିତ।

ପ୍ରକୃତରେ ନିରର୍ଥକ ସ୍ୱର୍ଗ କିମ୍ବା ସାମାଜିକ ବିଶ୍ୱାସ ଉର୍ଦ୍ଧ୍ୱରେ ଜଣେ ନିଃସଙ୍ଗ ମଣିଷ ହିଁ ତା' ଆତ୍ମାକୁ ଭୋଗ କରିପାରେ। ଏ ଭାବନାଟି ଅନ୍ତରର ଅମୂଲ୍ୟ ଭାବନା। ନିଃସଙ୍ଗ ଭାବନାରେ ଥିବା ମଣିଷ ସତରେ ଜୀବନକୁ ଭୋଗ କରିପାରେ। ଜଣେ ଜଗତ ଭିତରେ ଥାଇ ମଧ୍ୟ ନିରୋଳାପଣ ଅନୁଭବ କରିପାରେ, ପ୍ରେମକୁ ହୃଦୟଙ୍ଗମ କରିପାରେ। ଏହି ନିଃସଙ୍ଗ ମଣିଷ ପକ୍ଷରେ ହିଁ ଏହା ସମ୍ଭବ। ନିଜ ସହିତ ନିଜେ ଯୋଡ଼ି ହୋଇପାରିବା ହିଁ ଏ ମଣିଷର ପାରଙ୍ଗମତାର କଥା।

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଦକ୍ଷିଣାବର୍ତ୍ତ'ର ରେଙ୍କ୍ କିମ୍ବା ପଦ୍ମଜାଙ୍କ 'ଯିବୁ କି ଥିବୁ'ର ଶମ୍ଭୁ ପରି ଚରିତ୍ର ପ୍ରକୃତରେ ନିଜ ଆତ୍ମାକୁ ଚିହ୍ନିପାରନ୍ତି।

ଐଶ୍ୱରୀୟ ଅବବୋଧ ଆଧୁନିକ ଓଡ଼ିଆ ଉପନ୍ୟାସର ଏକ ବିଶିଷ୍ଟ ବିଷୟ। ଏଥିରେ ଈଶ୍ୱର ବିରୋଧୀ କିମ୍ବା ଈଶ୍ୱର ପାଖରେ ସଂପୂର୍ଣ୍ଣ ଭାବରେ ନିଜକୁ ସମର୍ପଣ କରିଦେଇଥିବା ଦେଖିବାକୁ ପାଇଥାଉ।

ବାମାଚରଣ ମିତ୍ରଙ୍କ 'ଚନ୍ଦ୍ର ଓ ଚମ୍ପା' ର ମଣିକାଞ୍ଚନ ସନାତନ ହିନ୍ଦୁଧର୍ମ ସ୍ଥାପନ ପାଇଁ କଠୋର ହୋଇପଡ଼େ। ରାଜଗୁରୁ ହୋଇ କ୍ଷମତାର ଦୁରୁପଯୋଗ କରେ। ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଶୈଳ' କିମ୍ବା 'ନୀଳାଦ୍ରି ବିଜୟ'ରେ ଲଳିତା ପାଟମହାଦେଈ ଓ ରାଜା ଅମିନ ଚାନ୍ଦ ଜଗନ୍ନାଥଙ୍କୁ କେନ୍ଦ୍ର କରି ଧାର୍ମିକ ଅନ୍ଧକାରମୟତା ଆଡ଼କୁ ଜନତାକୁ ଠେଲି ଦିଅନ୍ତି। ଲୋଭ ଯୋଗୁଁ ନିଜର ମୂଲ୍ୟବୋଧ ହରାନ୍ତି। ସୁଜା ଖାଁ ଜଗନ୍ନାଥଙ୍କୁ ଅର୍ଥାଗମର ଆଧାରଟିଏ ମନେ କରେ।

ରାଜା ରାମଚନ୍ଦ୍ର ଦେବ ଧର୍ମର ଅସାରତା ଈଶ୍ୱରଙ୍କ ଜଡ଼ତା ଓ ଜନତାର ମୂଢ଼ପଣ ବୁଝିପାରନ୍ତି।

ଦେବ୍ରାଜ ଲେଙ୍କାଙ୍କ 'ଖେଳ'ର ମଳୟ ଦାସ ଧର୍ମକୁ ଏକ ସାଂଘାତିକ ନିଶା ମନେ କରେ। ଗୋବିନ୍ଦ ଦାସଙ୍କ କାଉଲ ମନେ କରେ ଯେ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ମଣିଷ ଈଶ୍ୱରଙ୍କୁ ଫୁସୁଲେଇ ଥାଏ। ସୁରେନ୍ଦ୍ର ମହାନ୍ତିଙ୍କ 'ଆଜୀବକର ଅଟ୍ଟହାସ'ରେ ବୃଦ୍ଧ ଓ ଦେବ୍ରାଜ ଲେଙ୍କାଙ୍କ 'ଅପେକ୍ଷା ଅନୁକ୍ଷଣ'ରେ ଯୀଶୁ ମାନବୀୟ ସମ୍ବେଦନାରେ ପରିପୂର୍ଣ୍ଣ। ଚନ୍ଦ୍ରଶେଖର ରଥଙ୍କ 'ଯନ୍ତ୍ରାରୂଢ଼'ର ସନାତନ ଦାସ ଲକ୍ଷ୍ମୀନାରୟଣଙ୍କ ସେବାରେ ଉତ୍ତରଣର ମାର୍ଗ ଦେଖିପାରେ। ମନୋଜ ଦାସଙ୍କ 'ଆକାଶର ଇସାରାରେ, ପଦ୍ମାନନ୍ଦ, 'ପ୍ରଭଞ୍ଜନ'ର ସନ୍ଦୀପ, 'ତନ୍ଦ୍ରାଲୋକର ପ୍ରହରୀ' ର ପୁଣ୍ଡରିକ ଭିତରେ ଏକ ଆଧ୍ୟାତ୍ମିକତା ଅନୁଭବ କରାଯାଇପାରେ।

ଐଶୀଶକ୍ତି ଏକ ଦିବ୍ୟ ଶକ୍ତି ଭାବରେ ଦେଖିବାକୁ ମିଳେ ଉପରୋକ୍ତ ଚରିତ୍ରମାନଙ୍କ ଭିତରେ। ଏହା ମଣିଷ ଭିତରେ ଫୁଟି ଉଠେ। ଏହା ଏକ ମହତ ଓ ସର୍ବୋତ୍ତମ ଶକ୍ତି।

ଈଶ୍ୱର ବିଶ୍ୱାସ ଧର୍ମକୁ ନେଇ ବନ୍ଧା। କିନ୍ତୁ ଏଥିରେ ନିଷ୍ଠା, ଶୁଦ୍ଧତା, ସାଧୁତା ଓ ମହତ୍ତ୍ୱର ଉପଲବ୍ଧି ସବୁ ଯେକୌଣସି ଧର୍ମର ମୂଳ ବ୍ୟକ୍ତି ପାଖରେ ଦେଖିବାକୁ ମିଳେ। ଅନ୍ୟମାନେ ବହୁମାତ୍ରାରେ ଛଳନାକାରୀ। କେହି କେବେ ଜନ୍ମ ଆଧାରରେ କିମ୍ବା ସ୍ଲୋଗାନ ଦେଇ ଧାର୍ମିକ ହୋଇପାରେନା; ହୋଇପାରେ ଉଚ୍ଚତର ଚେତନାର ଅଧିକାରୀ ହେଲେ। ପୁଣି ନାସ୍ତିକ ଐଶ୍ୱରୀୟ ଅବବୋଧ ଭିତରେ ଦେଖିବାକୁ ମିଳେ ମଣିଷକୁ ଆତ୍ମଶକ୍ତ, ଆତ୍ମ ସଚେତନ କରାଇବାର ପ୍ରବଣତା।

ଆଧୁନିକ ଓଡ଼ିଆ ଉପନ୍ୟାସ ସମାଜ ଓ ପରମ୍ପରା ପ୍ରତି ଦୃଷ୍ଟିଭଙ୍ଗୀ ରଖେ। ସମାଜ ଓ ପରମ୍ପରା ସର୍ବଦା ରକ୍ଷଣଶୀଳ। ସମାଜ ବ୍ୟକ୍ତି ମଣିଷର ସ୍ୱାଧୀନତା ଓ ସୃଜନଶୀଳତା ପ୍ରତି ଏହା ଅତି ନିଷ୍ଠୁର। ପରମ୍ପରା ସେମିତି ପରିବର୍ତ୍ତନର ପ୍ରତିରୋଧକାରୀ।

ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଶୈଳ', 'ନୀଳାଦ୍ରି ବିଜୟ'ରେ ରାମଚନ୍ଦ୍ର ଦେବ, ରିଜିଆ, ସରଦେଈ, ଜଗୁନି ଭଳି ମଣିଷ ଅନ୍ଧସମାଜ ଦ୍ୱାରା ନିର୍ଯ୍ୟାତୀତ। 'କାଳାନ୍ତର'ରେ କେତକୀ ନିଜ ସନ୍ତାନକୁ ନେଇ ପାରେନା, ସମାଜ ଭୟରେ। 'ହଂସଗୀତି'ରେ ଆତ୍ମାନନ୍ଦ ଭଳି କଳାବଜାରୀ ଓ ପାନ୍ନାଲାଲ ଭଳି ଧନପତି, ଡ୍ରଗସ୍ ବ୍ୟାପାରୀ ସମାଜ ଦ୍ୱାରା ସମ୍ମାନିତ। 'ଆଜୀବକର ଅଟ୍ଟହାସ'ରେ ଶ୍ରମଣ କାମନ୍ଦକ ଓ ଶ୍ରେଷ୍ଠୀ ଧନପତିର କନ୍ୟା କସ୍ତୁରିକାର ପ୍ରେମ ସମାଜ ଦ୍ୱାରା ନିକ୍ଷେପିତ। ବାମାଚରଣ ମିତ୍ରଙ୍କ 'ଚନ୍ଦ୍ର ଓ ଚମ୍ପା' ରେ ବ୍ରାହ୍ମଣପୁତ୍ର ମହାସାର ଓ ତନ୍ତୀକନ୍ୟା ଇରାର ପ୍ରେମ ସାମାଜିକ ବ୍ୟବସ୍ଥା ଦ୍ୱାରା ବାଧାପ୍ରାପ୍ତ। ଚାର୍ବାକ୍ ଖୁବ୍ ଉଦାର ଓ ଅନିସନ୍ଧିତ୍ସୁ। ସମାଲୋଚନା ମାଧ୍ୟମରେ ସତ୍ୟ ଆବିଷ୍କାର କରିବାକୁ ସେ ପ୍ରେରଣା ଦିଅନ୍ତି। ଅଥଚ ତାଙ୍କୁ ମିଳେ ପ୍ରାଣଦଣ୍ଡ। ଶାନ୍ତନୁ କୁମାରଙ୍କ 'ଶକୁନ୍ତଳା' ରେ ରାଜନୀତି ଆଢୁଆଳରେ ଅସାଧୁ, ଧନୀକଗୋଷ୍ଠୀର ରକ୍ଷାକବଚ ହେଉଛି ସମାଜ। ପଦ୍ମଜ ପାଳଙ୍କ 'ଦୁର୍ଗ ପତନର ବେଳ'ରେ ସତ୍ୟ ବାପାଙ୍କୁ ହରାଇଲା ପରେ ସାମାଜିକ ବିଧିବ୍ୟବସ୍ଥାର ସାମ୍ନା କରେ। ସେ ମନେ କରେ ତେଣୁ ଏସବୁ ନିରର୍ଥକ। ଜଣେ ତା'ର ପ୍ରିୟଜନକୁ ହରାଇଲା ପରେ ବିଧିବ୍ୟବସ୍ଥା ଦ୍ୱାରା ନିର୍ଯ୍ୟାତିତ। ସତ୍ୟ ପୁଣି ଅନୁଭବ କରେ ସବୁ ପ୍ରଥା ପରମ୍ପରା ନିନ୍ଦିତ କଳ୍ପନା ଓ ସ୍ୱାର୍ଥ ସର୍ବସ୍ୱ ଅନୁକରଣ ମାତ୍ର। ଦେବ୍ରାଜ ଲେଙ୍କାଙ୍କ 'ଖେଳ'ର ମଳୟ ଦାସ ଅନୁସାରେ ନୀତିନିୟମ ଧର୍ମ ଆଦର୍ଶ ସବୁ କିଛି ଜୀବନକୁ ଅବରୁଦ୍ଧ କରିବାର ସାମାଜିକ

ଉପାୟ ମାତ୍ର। ମହାପାତ୍ର ନୀଳମଣି ସାହୁଙ୍କ 'ଧରା ଓ ଧାରା'ର ଉମା ପ୍ରିୟତମର ଅଯାଚିତ ସନ୍ତାନକୁ ଅକ୍ଷତ ରଖିବାକୁ ଯାଇ ସମାଜ ପାଖରେ କଳଙ୍କିତା। ତାମସୀ ରାଧା'ର ହାସୀ, କରାମତ ଅଲ୍ଲୀ, ତନୁଜା ମୋହନର ପ୍ରେମ ସମ୍ପର୍କ ସମାଜ ଦୃଷ୍ଟିରେ ପାପ। ଜଗଦୀଶ ମହାନ୍ତିଙ୍କ 'କନିଷ୍ଠ କନିଷ୍ଠ' ରେ ସଞ୍ଜୟ କୁ ସମାଜ ସମୂହ ଭିତରେ ମିଳେଇ ଦେବାର ଅପପ୍ରୟାସରେ ଲିପ୍ତ। ରାମଚନ୍ଦ୍ର ବେହେରାଙ୍କ 'ମନିକା ଏବେ କେଉଁଠି ରେ ଶେଖର ଓ ମନିକାର ପ୍ରେମ ଘୃଣ୍ୟ ଜାତିପ୍ରଥା କବଳରେ ପଡ଼େ। ରଜନୀକାନ୍ତ ମହାନ୍ତିଙ୍କ 'ଜାଙ୍ଗଲିକ'ରେ ସପୁର ଦେହଜୀବୀର ପୁଅ ହୋଇଥିବାରୁ ତା'ର ସମସ୍ତ ପ୍ରତିଭା ସତ୍ତ୍ୱେ ପରିହାସର ପାତ୍ର ହୁଏ। ଚାକିରି ଜୀବନରେ ଅପମାନିତ ହୁଏ। ସରୋଜୀନୀ ସାହୁଙ୍କ 'ପ୍ରତିବନ୍ଦୀ'ରେ ପ୍ରିୟଙ୍କା ତା' ପ୍ରେମସମ୍ପର୍କ ଯୋଗୁଁ ଅପମାନ ପାଏ। 'ବିଷାଦ ଈଶ୍ୱରୀ'ରେ ହର୍ଷା ନିଜ ଘରେ ପରାଧୀନତାର ଶିକାର ହୁଏ। ତା' ବିବାହ ବିଷୟରେ ତାକୁ ପଚରାଯାଏ ନାହିଁ। ପଦ୍ମଜ ପାଳଙ୍କ 'ପଣ୍ଡୁରଙ୍ଗୀ ନିବାସ'ରେ ପଣ୍ଡୁ ଓ ରଙ୍ଗୀ ଓ 'ଓୟେପୁଅ ମା'ରେ ଯଗା ଓ ସୋରିକୁ ସାମାଜିକ ଅବ୍ୟବସ୍ଥାରେ ଦଳିଚକଟି ହେବାକୁ ପଡ଼େ। ରଶ୍ମି ରାଉଳଙ୍କ 'ତିନି ଗାର ସେପାଖର ସତୀ' ରେ ସତୀ ସମାଜର ଗାରକୁ ସାମ୍ନା କରେ। ତେବେ କାଉଲ ଭଳି ନାୟକକୁ କେହି ଅଟକାଇ ପାରନ୍ତି ନାହିଁ। ବୁଦ୍ଧ ଯୀଶୁ ମହମ୍ମଦ ସକ୍ରେଟିସ ଗାନ୍ଧୀ ପରି ଅନେକଙ୍କୁ ସମାଜ ନିଜର କରିବାକୁ ଚେଷ୍ଟା କରି ବିଫଳ ହୁଏ। ପୁଣି ସେଇ ସମାଜ ଏମାନଙ୍କ ମୂଲ୍ୟବୋଧକୁ ଗ୍ରହଣ କରିଥାଏ।

ଆଧୁନିକ ଓଡ଼ିଆ ଉପନ୍ୟାସ ପାଇଁ ବ୍ୟକ୍ତି ମଣିଷ ହିଁ ଗୁରୁତ୍ୱପୂର୍ଣ୍ଣ। ଏ ମଣିଷର ସ୍ୱାଧୀନତା, ତା'ର ଆବେଗ, ବଞ୍ଚିବାର ଇଚ୍ଛା ନିଶ୍ଚିତ ଭାବରେ ପ୍ରେରଣାଦାୟୀ। ବ୍ୟକ୍ତି ମଣିଷ ପୁଣି ବହୁ ଦ୍ୱନ୍ଦ୍ୱାତ୍ମକ ସତ୍ତାର ସୁସମନ୍ୱୟ।

ଗୋପୀନାଥ ମହାନ୍ତିଙ୍କ 'ଅପହଞ୍ଚ' ର ଟୀମା ପ୍ରଥାରୁ ପଥଚ୍ୟୁତ ହୁଏ; କିନ୍ତୁ ପର ସମୟରେ ନିଜର ଭୁଲ୍ ବୁଝିପାରେ ଓ ନିଜ ଜାତିଭାଇଙ୍କ ପାଇଁ ବଞ୍ଚେ। 'ମାଟି ମଟାଳ'ରେ ରବି ତା ବାପାଙ୍କ ବିରୁଦ୍ଧରେ ଠିଆ ହୋଇ ଅସହାୟ ମଣିଷର ସହାୟତା କରେ ତ ଛବି ବିବାହ ବନ୍ଧନରେ ବାନ୍ଧି ହୋଇ ରହିବାକୁ ମନା କରେ ଓ ଅନ୍ୟର ସେବା କରେ। 'ଦିଗ ଦିହୁଡ଼ି'ର ମାୟା ଦେବୀ ନିଜ ପୁରୁଣା ସାମନ୍ତବାଦୀ ମାନସିକତାର ମୁକୁଳି ଆସି ସ୍ୱାଭିମାନ ଓ ଆତ୍ମନିର୍ଭରଶୀଳ ହୋଇ ବଞ୍ଚନ୍ତି। 'ଅନଳନଳ'ରେ ସୁନ୍ଦରୀ ପୁରୁଣା ପରମ୍ପରାକୁ ପଛରେ ରଖିଦେଇ ଜୀବନର ଗତିଧାରାରେ ସାମିଲ ହୁଏ। ହାରିବା ନୁହେଁ ଲଢ଼ିବାରେ ପ୍ରକୃତ ମଣିଷପଣିଆ ନିହିତ ବୋଲି ସିଏ ପ୍ରମାଣିତ କରିଦିଏ।

ସୁରେନ୍ଦ୍ର ମହାନ୍ତିଙ୍କ 'ନେତି ନେତି' ରେ ମାନବେନ୍ଦ୍ର ବ୍ୟକ୍ତି ମଣିଷଟିଏ। କାନ୍ତ ମାମୁ ଏକୁଟିଆ ମଣିଷଟିଏ। ଅଥଚ ଅନ୍ୟପାଇଁ ସର୍ବଦା ସହାନୁଭୂତିପୂର୍ଣ୍ଣ। 'ନୀଳଶୈଳ' ନୀଳାଦ୍ରିବିଜୟ'ରେ ରାମଚନ୍ଦ୍ର ଦେବ ମାନବିକତା ଗୁଣରେ ବିଭୂଷିତ। 'ଅନ୍ଧଦିଗନ୍ତ'ର ନିଧିଦାସ ଆତ୍ମସଚେତନ ମଣିଷଟିଏ। 'ଫୁଟାମାଟି'ର ହୃଷୀକେଶ ହାରିବା ଜାଣି ମଧ୍ୟ ଲଢ଼ିବାକୁ ସର୍ବଦା ଆଗୁଆ। 'କାଳାନ୍ତର'ର କେତକୀ ବିଧବା ହେବା ପରେ ବି ପ୍ରେମ କରିପାରେ ଓ ଗର୍ଭବତୀ ହୋଇପାରେ। ବିପଦରେ ଅନ୍ୟର ସହାୟକ ହୁଏ। 'ହଂସଗୀତି'ର ସୁବ୍ରତ ବ୍ୟକ୍ତି ଆତ୍ମାର ବିଳାପ ଶୁଣିପାରେ। 'ଆଜୀବକର ଅଟ୍ଟହାସ'ରେ ବୁଦ୍ଧ ଆଜୀବକ କ୍ଷେମା ଉପନନ୍ଦ କସ୍ତୁରିକା କାମନ୍ଦକ ସମସ୍ତେ ବ୍ୟକ୍ତି ମଣିଷର ଜୀବନଭୋଗ ଓ ମାନବ ପ୍ରେମରେ ମହାନ। ବାମାଚରର ମିତ୍ରଙ୍କ 'ଚନ୍ଦ୍ର ଓ ଚମ୍ପା'ର ମଧୁକର ମନେ କରେ କେହି ପାପୀ ନୁହନ୍ତି କି କୌଣସି କର୍ମ ପାପ କର୍ମ ନୁହେଁ; ଯଦି ସେଇ କର୍ମ ଦ୍ୱାରା ଜଣେ ବିରାଟତ୍ୱକୁ ଅନୁଭବ କରିପାରେ।

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଚରିତ୍ରଗଣ ବ୍ୟକ୍ତି ସ୍ୱାଧୀନତା ଓ ଉତ୍ତରଣ ଭିତରେ ଗତି କରନ୍ତି। 'ଦକ୍ଷିଣାବର୍ତ୍ତର ରେିକ୍ସ ଓ 'ଅନୁ ହଜିଯିବାପରେ'ର ଅନୁରାଗ ମଣିଷ ଅସ୍ତିତ୍ୱର ପରିଚୟ ଦିଅନ୍ତି। 'ନରକିନ୍ନର'ର ଜର୍ଜ, ଗୋଦରୀ ବୁଢ଼ୀ, ନଜିରମିଆଁ ପ୍ରଭୃତ ମଣିଷ ପରିଚୟହୀନ। 'ଶକୁନ୍ତଳା'ରେ ବାୟା ମାନବିକତାକୁ ଗୁରୁତ୍ୱ ଦିଏ। ଶକୁନ୍ତଳା ସମାଜକୁ ଖାତିର ନ କରି ଗର୍ଭଧାରଣ କରେ।

'ମନ୍ତ୍ରୀଙ୍କ ସେୟାର'ର ସୁପ୍ରୀତି ଦେବୀ ନିର୍ଭୀକ ଭାବରେ ନିଜ ଗୋପନ ପ୍ରେମକୁ କହିଦିଅନ୍ତି। 'ବିଲିଗୋଟ ବନାମ ଉରବେଳ ଘୋଟକ'ରେ ଅରୁଣ ଲୀଳାକୁ ମନରେ ସାମାଜିକ ଭୟ ନ ରଖିବାକୁ କହନ୍ତି।

ମନୋଜ ଦାସଙ୍କ 'ଆକାଶର ଇସାରା'ରେ ସ୍ୱାମୀ ପଦ୍ମାନନ୍ଦଙ୍କ ଅନୁଭବ ବଡ଼ ମାର୍ମିକ। ବୟସରେ ସାନ ହେଲେ ବି ପିତୃତ୍ୱର ଅନୁଭବରେ ପୂର୍ଣ୍ଣ। 'ଚନ୍ଦ୍ରାଲୋକର ପ୍ରହରୀ'ରେ ଭୋମ୍ବଲ ବୈଷ୍ଣବ ବିଚିତ୍ର ଚରିତ୍ରଟିଏ। 'ଅମୃତଫଳ'ରେ ଅମରନାଥ, ରାଜା ଭର୍ତ୍ତୃହରି ଜୀବନାନ୍ୱେଷୀ।

ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର'ରେ କାଉଲ ଏକାଧାରରେ ତ୍ୟାଗୀ, ଭୋଗୀ ଓ ଜୁଆଡ଼ି। ଅସହାୟ ପୁଣି ଅନ୍ୟର ସହାୟକ। ପାପ କର୍ମରେ ଲିପ୍ତ ଅଥଚ ମାନବିକତାରେ ପରିପୂର୍ଣ୍ଣ। ପଦ୍ମଜପାଳଙ୍କ 'ଦୁର୍ଗ ପତନର ବେଳ' ସତ୍ୟ ବ୍ୟବସ୍ଥା ଉର୍ଦ୍ଧ୍ୱରେ। 'ଯିବୁ କି ଥିବୁ'ରେ ସୋମନାଥ ନିଜ ଇଚ୍ଛାରେ ବଞ୍ଚିବାକୁ ଚାହେଁ। ମହାପାତ୍ର ନୀଳମଣି ସାହୁଙ୍କ 'ଧରା ଓ ଧାରା'ରେ ଉମା ବିବାହ ପୂର୍ବରୁ ପ୍ରେମର ସନ୍ତକ ଧାରଣ କରି ଏକୁଟିଆ ଘରୁ ବାହାରି ଆସେ। 'ତାମସୀ ରାଧା'ରେ ତନୁଜା ନିଜ ଦୁଃଖକୁ ନିଜେ ସାମ୍ନା କରେ। ଦୁଃସ୍ଥିତିରେ ବଢ଼ି ବଢ଼ି ଆହୁରି ଦୃଢ଼ ହୁଏ। ଜୀବନ ପାଇଁ ଜୀବନ ସହ ଲଢ଼ିବାର ଇଚ୍ଛାରେ ସେ ପରିପୂର୍ଣ୍ଣ।

ଦେବ୍ରାଜ ଲେଙ୍କାଙ୍କ ନାୟକନାୟିକାମାନେ ବ୍ୟକ୍ତି ମଣିଷର ଉଦାହରଣ। ଏମାନେ ସମାଜର ସବୁ ନୀତିନିୟମ ଉର୍ଦ୍ଧ୍ୱରେ। ଧର୍ମର ନିଶାରେ ନିଶାଗ୍ରସ୍ତ ନୁହନ୍ତି। ଯୌନ ଲିପ୍ତତାରେ ଜୀବନ ଖୋଜନ୍ତି। ଅସହାୟତା ସହ ଲଢ଼ନ୍ତି। ତାଙ୍କର ଲଢୁଆପଣ ହିଁ ତାଙ୍କର ଜୀବନର ଅସଲ ବିଷୟ। ଜୀବନ ଖୋଜନ୍ତି, ଯେତିକି ମିଳିଲା ସେତିକିରେ ସୁନ୍ଦର ଭାବରେ ବଞ୍ଚନ୍ତି। ତାଙ୍କ ଚରିତ୍ରର ଦର୍ଶନ ହେଲା ଜୀବନ ମାନେ ଜୀବନ। ବଞ୍ଚିବା ହିଁ କେବଳ ମାତ୍ର ସାର।

ହୃଷୀକେଶ ପଣ୍ଡାଙ୍କ 'ଶୂନ ସାଙ୍ଗେ ସାମୟିକ ସନ୍ଧି'ର ସନାତନ ଓ 'ହରିଣ ପିଠିରେ ଅଜଣା ସୂର୍ଯ୍ୟାସ୍ତକୁ'ର କୁନ୍ତୀ ଦୁଃଖ, ବ୍ୟର୍ଥତା, ଅସହାୟତା ସତ୍ତ୍ୱେ ବଞ୍ଚିବାର ଅନିବାର୍ଯ୍ୟତାକୁ ନେଇ ସ୍ୱତନ୍ତ୍ର।

ସରୋଜିନୀ ସାହୁଙ୍କ 'ପ୍ରତିଦ୍ୱନ୍ଦୀ'ର ପ୍ରିୟଙ୍କା ନିଜସ୍ୱ ଅନୁଭବରେ ବଞ୍ଚେ। ନିଜ ଅନୁସାରେ ବଞ୍ଚେ। 'ବିଷାଦ ଈଶ୍ୱରୀ' ରେ ହର୍ଷା ଦୁଃଖ ଭିତରେ ବି ଜୀବନ ଖୋଜୁଥାଏ। ମମତା ଦାଶଙ୍କ 'କେହି ଜଣେ ବିଶାଖା'ର ବିଶାଖା ଜୀବନଅନ୍ୱେଷୀ ଓ ମୁଗ୍ଧାନୁଭବୀ। ସୁସ୍ମିତା ବାଗଚୀଙ୍କ 'ଦେବଶିଶୁ' ରେ ରଞ୍ଜନା ଜୀବନ ସଂଗ୍ରାମରେ ଅପରାଜେୟ। ରାଧିକା ଶାରୀରିକ ଅପାରଗତା ସତ୍ତ୍ୱେ ସ୍ୱାଭିମାନର ସହ ବଞ୍ଚିପାରେ। ନୁର୍ ଲଢ଼ିପାରେ ବଞ୍ଚିବା ପାଇଁ। ଏସବୁ ଦେବଶିଶୁଗଣ ଶରୀର ଓ ମନରେ ସଂଘର୍ଷଶୀଳ ଅଥଚ ଅଭ୍ୟନ୍ତରର କେଉଁ ଏକ ସୁନ୍ଦର ଭାବରେ ବଞ୍ଚିବାର ଇଚ୍ଛା ହିଁ ଏମାନଙ୍କୁ ବାରମ୍ବାର ପ୍ରେରିତ କରୁଥାଏ।

ଆଧୁନିକ ଉପନ୍ୟାସରେ ବ୍ୟକ୍ତି ମଣିଷର ଉପସ୍ଥାପନ ବେଶ୍ ଶକ୍ତିଶାଳୀ।

ମଣିଷ ପାଇଁ ଘାରି ହେବା ମଣିଷର ଗୋଟିଏ ବଡ଼ଗୁଣ। ଯେଉଁମାନେ ନିଜ ପାଇଁ ସଂଘର୍ଷ କରୁଥାନ୍ତି। ଏକା ସମୟରେ ସେମାନେ ଅନ୍ୟମାନଙ୍କ ପାଇଁ ମଧ୍ଯ ଚିନ୍ତିତ ଓ ସର୍ବଦା ଯତ୍ନଶୀଳ। ଓଡ଼ିଆ ଉପନ୍ୟାସରେ ଏହା ଅତି ମାର୍ମିକ ଭାବରେ ବର୍ଣ୍ଣିତ। ଏମାନେ ବ୍ୟକ୍ତି ମଣିଷର ଅଧିକ ଏକାତ୍ମ।

ଗୋପୀନାଥ ମହାନ୍ତିଙ୍କ 'ମାଟି ମଟାଳ'ର ରବି ଛବି ଅନ୍ୟର ଅସହାୟତାରେ ସମଦୁଃଖୀ। ସୁରେନ୍ଦ୍ର ମହାନ୍ତିଙ୍କ ସୁବ୍ରତ ଚରିତ୍ରଟି ଅନ୍ୟ ସରଳ ମଣିଷଙ୍କ ଜୀବନ କ୍ଷୟ ମର୍ମାହତ। 'ଫଟାମାଟିର' ହୃଷୀକେଶ ନିଜ ଗାଁର ସମସ୍ତେ ପରସ୍ପର ପ୍ରତି ଶତ୍ରୁତା ଆଚରଣ କରୁଥିବାରୁ ଦୁଃଖିତ। ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଶକୁନ୍ତଳା'ର ବାୟା ଯତୀନ ପ୍ରଭୃତି ଅନ୍ୟର ଦୁଃଖରେ ଦୁଃଖିତ। ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର'ରେ ଅନେକ ଚରିତ୍ର ଅନ୍ୟର ଦୁଃଖରେ ସମ୍ବେଦନଶୀଳ। ଦେବ୍ରାଜ ଲେଙ୍କାଙ୍କ 'ଜୋକର' ରେ ସୁଗ୍ରୀବ ଅନ୍ୟ ପାଇଁ ଦରଦୀ ସର୍ବଦା। 'ଅନ୍ୱେଷା ଅନୁକ୍ଷଣ'ର ଯୀଶୁ ମାନବିକତା ପାଇଁ ଉତ୍ସର୍ଗୀକୃତ। 'ଅନ୍ଧମୁହାଣୀ'ର ରାନୁ ପାଳିତ ହେଉଥିବା ପରିବାର ପାଇଁ ତ୍ୟାଗର ପ୍ରତିମୂର୍ତ୍ତୀ। ନୀଳମଣି ସାହୁଙ୍କ 'ଧରା ଓ ଧାରା'ର ହରିବନ୍ଧୁ ଚୌଧୁରୀ ଓ 'ତାମସୀ ରାଧା'ରେ ବାବା ବିଜୟ ନାୟକଙ୍କ ସାଧୁଚରଣ ପିତୃତ୍ୱର ଅନୁଭବର ମହାନ। ବିଜୟ ନାୟକଙ୍କ 'ଗ୍ରାସ'ରେ ପୁରନ୍ଦର ଜଣେ ସମ୍ବେଦନଶୀଳ ସତ ଶିକ୍ଷକ। ସୁସ୍ମିତା ବାଗ୍‌ଚୀଙ୍କ 'ଦେବଶିଶୁ'ର ଶାନ୍ତାମାଥୁର ରଞ୍ଜନା ପ୍ରଭୃତି ମାନବୀୟ ସମ୍ବେଦନାରେ ପରିପୂର୍ଣ୍ଣ।

ଆଧୁନିକ ଓଡ଼ିଆ ଉପନ୍ୟାସ ମଣିଷର ଶୃଙ୍ଗାରୀ ଚେତନାକୁ ମଣିଷ ଜୀବନର ଅନିବାର୍ଯ୍ୟ ପ୍ରେରଣାଦାୟୀ ଶକ୍ତି ଭାବରେ ଗ୍ରହଣ କରିଛି। ନିର୍ବାଣ ପ୍ରାପ୍ତି ହେବା, ସଂଘ ସମୂହ ଭିତରେ ରହି ଶରୀରର ବିପରୀତ ଦିଗରେ ସାଧନା କରି ଉଭୟ ଶରୀର ଓ ମନକୁ କଷ୍ଟ ଦେବା ବିରୁଦ୍ଧରେ ସୁରେନ୍ଦ୍ର ମହାନ୍ତିଙ୍କ ଅନେକ ଉପନ୍ୟାସ ରଚିତ। ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ମତରେ ମଧ୍ଯ ମଣିଷର ଶୃଙ୍ଗାରୀ କାମନା ହିଁ ହେଉଛି ତା'ର କେନ୍ଦ୍ରଶକ୍ତି। ମଣିଷ ଏଭଳି ଏକ ଆନନ୍ଦାନୁଭବ ପାଉଥିବା ଶକ୍ତିକୁ ବଡ଼ କରି ଦେଇଛି। ଶ୍ରଦ୍ଧା କରିଛି। ଢଳନ୍ତି ବୟସରେ ମଧ୍ଯ ବିମଳ ଆନନ୍ଦ ଅନୁଭବ କରିଛି। ମହାପାତ୍ର ନୀଳମଣି ସାହୁଙ୍କ ଅନୁସାରେ ପ୍ରେମର ଅନୁଭବ ଦୁଃସ୍ଥିତି ସହ ଲଢ଼ିବାକୁ ପ୍ରେରଣା ଦିଏ। ନାରୀ ଦେହ କିମ୍ବା ପୁରୁଷର ଦେହ ସୌନ୍ଦର୍ଯ୍ୟର ମନ୍ଦିରଟିଏ ଏକଥା ଆଧୁନିକ ଶିଳ୍ପୀ ସ୍ୱୀକାର କରିଛି। ଶରୀର ଭୋଗ ଭିତରେ ମାତୃତ୍ୱ କିମ୍ବା ପିତୃତ୍ୱର ଯତ୍ନଶୀଳ ମନଟିଏ ସୃଷ୍ଟି ହୋଇପାରେ। ଗୋଟେ ସ୍ଥୂଳଜାଗତିକ ଦୁଃଖ ସହ ଲଢ଼ିବାରେ ପୁଣି ଏହାର ସାମର୍ଥ୍ୟକୁ ଏମାନେ ପ୍ରତିପାଦନ କରିଛନ୍ତି। ତେଣୁ ମଣିଷର ଦେହ ଗୋଟେ ପରମ ବିଷୟ ହୋଇପାରିଛି। ଆଲିଙ୍ଗନଟିଏ ଭିତରେ ଥିବା ମଧୁରପଣର ଅନୁଭବ ଯେ ମଣିଷକୁ ନିରନ୍ତର ପ୍ରାଣବାନ ଭାବରେ ବଞ୍ଚିବାର ପ୍ରେରଣା ଦେଇପାରେ ତାହା ଏ ଉପନ୍ୟାସଗୁଡ଼ିକର କେନ୍ଦ୍ର ବିଷୟ ହୋଇଛି।

ଆଧୁନିକ ଓଡ଼ିଆ ଉପନ୍ୟାସରେ ମୃତ୍ୟୁ ସଚେତନତା ଅନ୍ୟ ଏକ ବିଶିଷ୍ଟ ଦିଗ। ମୃତ୍ୟୁ ହିଁ ଜୀବନର ପରିସମାପ୍ତି। ତା' ପରେ ଆଉ କିଛି ନାହିଁ। ତେବେ ଏହା ଜଣକ ଜୀବନର ଚରମ ପରିସମାପ୍ତି। ତେଣୁ ମୃତ୍ୟୁ ପୂର୍ବରୁ ନିଜ ଜୀବନକୁ ସୁନ୍ଦର ଭାବରେ ଜୀଇଁଯିବା ପାଇଁ ବାଟ ଦେଖାଏ। ମରିବାକୁ ଭୟ କରିବା ନୁହେଁ; ବରଂ ସଚେତନ ହେବା ଜୀବନର ବଡ଼ କଥା। ମୃତ୍ୟୁ ତେଣୁ ଜୀବନର ଜୟଗାନ କରିବାକୁ ଶିଖାଏ। ତେଣୁ ଅନାଗତ ଭବିଷ୍ୟତ ଅପେକ୍ଷା ବର୍ତ୍ତମାନର ଜୀବନକୁ ଭୋଗ କରିବାକୁ ଆଧୁନିକ ଓଡ଼ିଆ ଉପନ୍ୟାସ ବାର୍ତ୍ତା ଦିଏ। ମନୋଜ ଦାସ, ଦେବ୍ରାଜ ଲେଙ୍କା, ପଦ୍ମଜପାଳ ପ୍ରଭୃତିଙ୍କ ଉପନ୍ୟାସର ଅନେକ ଚରିତ୍ର ତେଣୁ ମୃତ୍ୟୁ ଓ ଜୀବନ ବିଷୟରେ ସଚେତନ।

ଲେଖକୀୟ ଆତ୍ମପ୍ରକାଶ ଆଧୁନିକ ଓଡ଼ିଆ ଉପନ୍ୟାସର ସବୁଠୁ ନିଦା ବିଷୟ । ଅନ୍ୟର ଜୀବନକୁ ଲେଖୁଥିବା ଲେଖକ ଅନେକାଂଶ ମିଛ ଲେଖେ କି ସତ ଲେଖେ ତାହା ଉର୍ଦ୍ଧ୍ୱରେ ଜଣେ ନିଜକୁ ଲେଖିଲେ ତାହା ତା'ର ଜୀବନକୁ ନିଖୁଣ ଭାବରେ ପ୍ରକାଶ କରିପାରେ । ଅମରାବତୀର କଥା ଲେଖିବା ଅପେକ୍ଷା ନିଜ ଅଭ୍ୟନ୍ତରକୁ ତେଣୁ ଲେଖିବାରେ ଶାନ୍ତନୁ କୁମାର ଆଚାର୍ଯ୍ୟ, ଦେବ୍ରାଜ ଲେଙ୍କା, ପଦ୍ମଜ ପାଳ ପ୍ରଭୃତି ଉପନ୍ୟାସକାରଗଣ ଅଗ୍ରଗଣ୍ୟ । ଗୋପୀନାଥ ମହାନ୍ତି ନିଜେ ବଞ୍ଚିବା ଜୀବନକୁ ପ୍ରାଣ ଦେଇ ଲେଖିଛନ୍ତି । ସୁରେନ୍ଦ୍ର ମହାନ୍ତିଙ୍କ ଲେଖାରେ ତାଙ୍କର ଜୀବନର ବୈଚିତ୍ର୍ୟ, ନିଃସଙ୍ଗତା ହିଁ ଲିପିବଦ୍ଧ । ମନୋଜ ଦାସଙ୍କ ଜୀବନର ଅନେକ ଘଟଣା ବହନ କରିଥିବା 'ସମୁଦ୍ର କୂଳର ଏକ ଗ୍ରାମ'ର ଅନେକ ଚରିତ୍ର ତାଙ୍କ ଉପନ୍ୟାସର ଚରିତ୍ର । ଅନ୍ୟ ମଣିଷର ଜୀବନାନୁଭୂତିକୁ ଜୋର କରି ନିଜ ଲେଖା ଭିତରକୁ ଟାଣିବା ଅପେକ୍ଷା ନିଜସ୍ୱ ଅନୁଭବକୁ ଲେଖୁଥିବାରୁ ଆଜିର ଲେଖାଟିଏ ଅଧିକ ଜୀବନ ହୋଇପାରୁଛି ।

ଆଧୁନିକ ମଣିଷର ଗତିଶୀଳ ଜୀବନ, ତା'ର ଚିନ୍ତା ଚେତନା ଉପନ୍ୟାସଗୁଡ଼ିକରେ ପ୍ରତିଫଳିତ । ଉପନ୍ୟାସ ତେଣୁ ତା'ର ଆତ୍ମିକ ଓ ଆଙ୍ଗିକ ଦୃଷ୍ଟିରୁ ମଧ୍ୟ ଗତିଶୀଳ ।

ଭାରତୀୟ ଜନଜୀବନର ସାଂସ୍କୃତିକ ପରିବର୍ତ୍ତନ ଘଟିଛି ବିଶ୍ୱର ବୈଜ୍ଞାନିକ ଉଦ୍ଭାବନ ଫଳରେ । ପୁଣି ବିଶ୍ୱର ଅନେକ ପ୍ରଭାବଶାଳୀ ଚିନ୍ତା ଚେତନା ମଧ୍ୟ ପ୍ରଭାବିତ କରିଛି । ତା'ର ମଧ୍ୟ ସୂଚନା ଉପନ୍ୟାସରେ ଦେଖିବାକୁ ମିଳେ ।

ଫ୍ରୟେଡ଼ୀୟ ମନସ୍ତତ୍ତ୍ୱ, ଡାରଉଇନଙ୍କ ବିବର୍ତ୍ତନ ତତ୍ତ୍ୱ ମାର୍କ୍ସଙ୍କ ସାମ୍ୟବାଦ, ଆମ ଉପନ୍ୟାସକୁ ନୂତନତା ଆଡ଼କୁ ନେଇ ଆସିବାରେ ସହାୟକ ହେବା ସହ ଅସ୍ତିତ୍ୱବାଦୀ ଦର୍ଶନ ମଣିଷକୁ ଏକ ଅଲଗା ପରିଚୟରେ ଠିଆ କରେଇଥିଲା । ଏହା ମଣିଷର ଅସ୍ତିତ୍ୱ ବୁଝିବାକୁ ଓ ବଞ୍ଚିବାକୁ ପ୍ରେରଣା ଦେବାରେ ବଡ଼ ସହାୟକ ହୋଇପାରିଲା । ସ୍ୱର୍ଗର ସ୍ୱପ୍ନ ଅପେକ୍ଷା ମଣିଷର ବାସ୍ତବ ସଂଘର୍ଷ ଓ ଜୀବୀଧର୍ମ ଆଧୁନିକ ଓଡ଼ିଆ ଉପନ୍ୟାସରେ ପ୍ରତିଫଳିତ ହେଲା ।

ଲେଖକଟିଏ ଅନ୍ୟର କାହାଣୀ ଅପେକ୍ଷା ନିଜକୁ ଲେଖିବାକୁ ଅଧିକ ପସନ୍ଦ କଲା । ଏଥିରେ ରଚନାର ନିଦାପଣ ରହିପାରିଲା । ଶିଳ୍ପୀଟିଏ ଜୀବନର ପରସ୍ପର ବିରୋଧୀ ଅଥଚ ଏକତ୍ର ଏକସମୟରେ ଦେଖା ଦେଉଥିବା ମିଶ୍ର ଅନୁଭବକୁ ଲେଖିପାରିଲା ।

ଜୀବନର ବାହ୍ୟ ସଂଘର୍ଷ ଓ ବିଫଳତା ଭିତରେ ବି ଅନ୍ତରର ଅମାପ ଶକ୍ତି ସହ ପରିଚିତ କରାଇଲା ଆଧୁନିକ ଉପନ୍ୟାସ । ଏଥିରେ ମଣିଷ ଭିତରର ଗୀତିମୟତାକୁ ରୂପାୟିତ କରାଗଲା । ନାରୀ ପୁରୁଷର ଆକର୍ଷଣ ଅଥବା ମିଳନର ଆତୁରତାକୁ ଏକ ସୂକ୍ଷ୍ମସ୍ତରକୁ ଉତ୍ତୀର୍ଣ୍ଣ ହୋଇପାରିଲା । ଆଖିର ଚାହାଣୀଟିଏ ଭିତରେ ବିଶ୍ୱବ୍ରହ୍ମାଣ୍ଡର ସବୁ ଅନୁଭବ ପୂରି ରହିଥିବା ବିଷୟ ଅନୁଭବ କଲା ସମର୍ଥ ଶିଳ୍ପୀଟିଏ ।

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ନର କିନ୍ନର'ର ନର୍ଦ୍ଦମାର କୀଟ ପରି ଜର୍ଜ ଉପନ୍ୟାସର ନାୟକ ହେଲେ । ଗୋଦରୀ ବୁଢ଼ୀ ଉପନ୍ୟାସର କେନ୍ଦ୍ର ଚରିତ୍ର ହେଲା । ତାକୁ ଘେରି ରହିଥିବା ପଞ୍ଚାଏ ଲୋକର ଜୀବନ ଓ

ସେମାନଙ୍କ ଅପନ୍ତରା ବାସସ୍ଥାନ ଉପନ୍ୟାସର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା । 'ଦକ୍ଷିଣାବର୍ତ୍ତ'ର ଚରିତ୍ର ଧୋବା ଝିଅକୁ ଦେବୀ ଜ୍ଞାନ କଲା । ଶାନ୍ତନୁ କୁମାରଙ୍କ ଉପନ୍ୟାସଗୁଡ଼ିକ ଫର୍ମ ବଦଳିଲା । ଆରମ୍ଭ ଓ ପରିସମାପ୍ତି ଅର୍ଥପୂର୍ଣ୍ଣ ପରିବର୍ତ୍ତନର ରୂପ ଗ୍ରହଣ କଲା । ଅନିଶ୍ଚିତ ଆରମ୍ଭ କିମ୍ବା ଶେଷ ଦେଖିବାକୁ ମିଳିଲା ।

ପରବର୍ତ୍ତୀ ସମୟରେ ଆହୁରି ଅନେକ ସମର୍ଥ ଉପନ୍ୟାସକାର ଏଭଳି ମୁଖ୍ୟ ଚରିତ୍ରକୁ ସ୍ଥାପିତ କରିଛନ୍ତି । ନାରୀକୁ ମୁଖ୍ୟ ଚରିତ୍ର କରି ନାରୀ ସ୍ୱାଧୀନତାର ବିଷୟ ଉପସ୍ଥାପନା କରାଗଲା । ଦଳିତ ମଣିଷର ମୁକ୍ତି ପାଇଁ କଲମ କ୍ରିୟାଶୀଳ ହେଲା । ଆଦିବାସୀ ଜୀବନର ସଂଘର୍ଷ ଓ ପ୍ରକୃତିପ୍ରାଣତାର ଚିତ୍ର ଉପନ୍ୟାସକୁ ଅଧିକ ଋଦ୍ଧିମନ୍ତ କଲା ।

ଉପନ୍ୟାସର ବିଷୟବସ୍ତୁ ସହ ବର୍ଣ୍ଣନା ବି ବଦଳିଲା । ପୁରୁଣା ଶବ୍ଦ ସବୁ କବରକୁ ଗଲେ । ନୂତନ ଶବ୍ଦସବୁ ଅତି ଜୀବନ୍ତ ଓ ପ୍ରାଣବାନ ହେଲା । ଗଳ୍ପ ପ୍ରଧାନ ଉପନ୍ୟାସ ଭାବପ୍ରଧାନ ହେଲା ।

ଆଧୁନିକ ସମୟର ମଣିଷ ଭିତରେ ସାଧୁ ଶଇତାନ ଉଭୟ ଦେଖିବାକୁ ମିଳିଲା । ତେଣୁ ଉପନ୍ୟାସ ମଧ ତାକୁ ନେଇ ଲେଖାଯାଉଥିବାରୁ ଉପନ୍ୟାସର ଚରିତ୍ରସବୁ ଫକୀର ମୋହନୀୟ ସାରିଆ କି ଚମ୍ପା ଭଳି ରହିଲେ ନାହିଁ । ପାପପୁଣ୍ୟ ଭଲମନ୍ଦ ନାୟକ ଓ ଖଳନାୟକପଣ ଥିବା ମଣିଷ ଚରିତ୍ର ଏ ସମୟର ପାଠକକୁ ଅଧିକ ଆତ୍ମୀୟ ମନେ ହେଲା । ଏଭଳି ଚରିତ୍ରକୁ ଶିଳ୍ପୀଟିଏ ମଧ ଛଳ ଛଳ ପ୍ରାଣରେ ଚିତ୍ରଣ କଲା । ବରଂ ଆହୁରି ଅଧିକ ପାଦେ ଆଗକୁ ଆସି ମଣିଷ ଗୋପନ ଅନ୍ଧାର ଉପରେ ଆଲୋକପାତ କଲା କଳାତ୍ମକ ଭାବରେ ।

ଆଧୁନିକ ଓଡ଼ିଆ ଉପନ୍ୟାସ ମଣିଷକୁ ସବୁଠୁ ବେଶି ସ୍ୱୀକାର କଲା ।

**ଆଧୁନିକ ଯୁଗ (କ୍ଷୁଦ୍ର ଗଳ୍ପ) :**

ଆଧୁନିକ ଗଳ୍ପରେ ମଧ ବଞ୍ଚିବାର ଇଚ୍ଛାକୁ ରୂପାୟନ କରାଯାଇଛି । ଏ ଗଳ୍ପଗୁଡ଼ିକ ତା'ର ଆଙ୍ଗିକ ଓ ଆତ୍ମିକ ଦିଗରୁ ବେଶ୍ ତୀକ୍ଷ୍ଣ ଓ ଶକ୍ତିଶାଳୀ । ବହୁଦିଗରୁ ଅଧୟନର ପରିଧି ଛାଡ଼ି ଦେଇଥିବା ଏ ଗଳ୍ପଗୁଡ଼ିକ କିନ୍ତୁ ମୂଳତଃ ବଞ୍ଚିବାର କଥା କହେ ।

ଗାଳ୍ପିକ ମନୋଜ ଦାସଙ୍କ 'ଲକ୍ଷ୍ମୀର ଅଭିସାର' ଗଳ୍ପରେ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରାଯାଇଛି । କୃଷ୍ଣ ପ୍ରସାଦ ମିଶ୍ରଙ୍କ 'ନିଜକୁ ନାୟକ କରି' ଗଳ୍ପରେ ବ୍ରାହ୍ମଣ ପିଲାଟିର ଈଶ୍ୱରୀୟ ଆସ୍ଥା ଦେଖିବାକୁ ମିଳେ । ସେଇପରି ବୀଣାପାଣି ମହାନ୍ତିଙ୍କ 'ମାଗଣା ଖଟିଆ' ଅଶୋକ ଚନ୍ଦନଙ୍କ 'ପାରିଧି' ପ୍ରଭୃତି ଗଳ୍ପଗୁଡ଼ିକରେ ଈଶ୍ୱର ସମ୍ବନ୍ଧୀୟ ବିଷୟ ଉପସ୍ଥାପିତ ।

ମୃତ୍ୟୁ ବିଷୟକ ଚିତ୍ର ଦ୍ୱାରା ଓଡ଼ିଆ ଗଳ୍ପ ଋଦ୍ଧିମନ୍ତ । ମୃତ୍ୟୁ ଜୀବନରେ ଅନ୍ତିମ ପରିସମାପ୍ତି । ତା'ପରେ ନା ସ୍ୱର୍ଗ ଭୋଗ ନା ନର୍କଭୋଗ ଅଛି । ଗାଳ୍ପିକ ରବି ପଟ୍ଟନାୟକଙ୍କ 'ଜମାନବନ୍ଦୀ' କହ୍ନେଇଲାଲ ଦାସଙ୍କ 'ଅସମ୍ଭବ ମୃତ୍ୟୁ', ରାମଚନ୍ଦ୍ର ବେହେରାଙ୍କ, ଦ୍ୱିତୀୟ ଶ୍ମଶାନ', ଜଗଦୀଶ ମହାନ୍ତିଙ୍କ 'ଓଲଟା ପକ୍ଷୀର ବୃତ୍ତାନ୍ତ' ପ୍ରଭୃତି ଅନେକଗଳ୍ପରେ ମୃତ୍ୟୁ ଚିତ୍ର ବଡ଼ ମାର୍ମିକ ।

ଗାଳ୍ପିକ ରବି ପଟ୍ଟନାୟକଙ୍କ 'ବେଲାଲ ସେନ'ର ନାୟକ 'ମୁଁ' ଅତ୍ୟନ୍ତ ଅସହାୟ ଓ ନିଃସଙ୍ଗ। ସେ ନିଜ ମନ ମୁତାବକ ବଞ୍ଚିବାର ସପକ୍ଷରେ। ଈଶ୍ୱରଙ୍କ ସ୍ଥିତି ବା ପରିଧି ତା' ପାଇଁ ତୁଚ୍ଛ। ବ୍ୟକ୍ତି କୈନ୍ଦ୍ରିକ ଅନୁଭବ ତାଙ୍କୁ ଅଲଗା ଭାବରେ ପ୍ରତିଷ୍ଠିତ କରେ। ଗାଳ୍ପିକଙ୍କ 'ଅଭିନେତା' ଗଳ୍ପରେ ଶଶିଭୂଷଣ ନିଜର ସ୍ଥିତି ସଚେତନ ମଣିଷଟିଏ। ତାଙ୍କର 'ବିପନ୍ନ ଅହଙ୍କାର'ରେ ଭେଙ୍କଟ ସ୍ୱାମୀଙ୍କ ଏକାକୀ ଜୀବନର ସ୍ୱାଭିମାନ ବର୍ଣ୍ଣିତ। ଦୁଃଖାନୁଭୂତି ତାଙ୍କୁ ଜୀବନବାଦୀ କରିଛି। ବୀଣାପାଣି ମହାନ୍ତିଙ୍କ 'ସାହସୀ' ଗଳ୍ପର ଟିପୁ ନିଜ ସ୍ୱତନ୍ତ୍ର ଅସ୍ତିତ୍ୱ ବିଷୟରେ ସଚେତନ। ଜଗଦୀଶ ମହାନ୍ତିଙ୍କ 'ବାହାରେ ଠିଆ ହୋଇଥିବା ଲୋକ' ରେ ମଣିଷର ସ୍ଥିତି ବିଷୟ ବର୍ଣ୍ଣିତ ଥିବାବେଳେ, 'ଦକ୍ଷିଣ ଦୁଆରୀ ଘର' ରେ ସାମାଜିକ ଧରାବନ୍ଧା ଜୀବନ ଊର୍ଦ୍ଧ୍ୱରେ ନିଜର ସ୍ୱତନ୍ତ ବିଚାର ଦେଇ ନିଜ ଅନୁସାରେ ବଞ୍ଚିବାର କଥା କୁହାଯାଇଛି। ଗାଳ୍ପିକ ଅଶୋକ ଚନ୍ଦନଙ୍କ 'ଅଗାଁତ ବାସ'ରେ ବର୍ତ୍ତମାନ ସମୟର ମଣିଷକୁ ଚିତ୍ରଣ କରାଯାଇଛି। ତାଙ୍କର 'ପୁନର୍ଜନ୍ମ', 'ବୃତ୍ତଭଙ୍ଗ' ପ୍ରଭୃତି ଗଳ୍ପରେ ବ୍ୟକ୍ତିର ସ୍ୱତନ୍ତ୍ର ଅସ୍ତିତ୍ୱ ବିଷୟ ଉପସ୍ଥାପିତ।

ଆଧୁନିକ କ୍ଷୁଦ୍ରଗଳ୍ପରେ ନାରୀର ସ୍ଥିତି ଓ ଅସ୍ତିତ୍ୱ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯେଉଁଠୁ 'ରେବତୀ' ଗଳ୍ପର ଆରମ୍ଭ ହୁଏ ନାରୀର ଶିକ୍ଷା ଗ୍ରହଣ କଥାଠୁ ଆଜି ପର୍ଯ୍ୟନ୍ତ ନାରୀର ଉତ୍‌ଥାନ ପାଇଁ ଶତାଧିକ ଗଳ୍ପ ନାନାମତେ ଗଳ୍ପଜଗତକୁ ଋଦ୍ଧିମନ୍ତ କରିଛି। କେବଳ ଯେ ନାରୀ ସମାଜରେ ନିଜର ଅସ୍ତିତ୍ୱ ଜାହିର କରିବା ବିଷୟ ଆସିନଥିଲା, ଆସିଥିଲା ତା' ସହ ତା' ସ୍ୱାଧୀନତାର ବିଷୟ, ତା' ଦେହମୁକ୍ତିର ବିଷୟ, ସତୀତ୍ୱ ଆଳରେ ତା'ର ବିକାଶ କିମ୍ବା ଆବେଗାତ୍ମକ ଜୀବନର ଶୋଷଣ ପ୍ରଭୃତି ବିଷୟରୁ ମୁକ୍ତିର କଥା।

ନାରୀବାଦର ସ୍ୱର ବିଷୟ ଚର୍ଚ୍ଚା କଲାବେଳେ ସବୁଠୁ ଦୃଢ଼ ସ୍ୱରଟିଏ ଶୁଣିବାକୁ ମିଳେ ରବି ପଟ୍ଟନାୟକଙ୍କ 'ବନ୍ଧ୍ୟା ଗାନ୍ଧାରୀ' ଗଳ୍ପରେ। ଜଣେ ପୁରୁଷ ଯିଏ କି ହତ୍ୟାକାରୀ ଖୁନୀ, ସିଏ ତେର ବର୍ଷର ଝିଅ ଭାରତୀକୁ ବାଧ କରି ବିବାହ କରେ। ଭାରତୀ ପରି ନାରୀ କିନ୍ତୁ ଏହାର ପ୍ରତିବାଦ କରେ ଚରମ ଭାବରେ। ତା ଗର୍ଭରୁ ହତ୍ୟାକାରୀ ଔରସରୁ ଜଣେ ହତ୍ୟାକାରୀ ଜନ୍ମ ନ ନେଉ ସେଥିପାଇଁ ସେ ଚିର ବନ୍ଧ୍ୟା ହେବାକୁ ସ୍ଥିର କରେ। ଜରାୟୁ ଅପରେସନ କରାଇଦିଏ।

ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତରେ ନାରୀର ମର୍ଯ୍ୟାଦାଜନକ ସ୍ଥିତି ପାଇଁ ଲେଖନୀ ଚାଳନା କରିଥିବା ନାରୀ ଲେଖିକାମାନଙ୍କ ଭିତରେ ବୀଣାପାଣି ମହାନ୍ତି, ଗାୟତ୍ରୀ ସରାଫ, ସରୋଜିନୀ ସାହୁ ପ୍ରମୁଖ ଅଗ୍ରଗଣ୍ୟ।

ବୀଣାପାଣି ମହାନ୍ତିଙ୍କ 'ପାଟ ଦେଇ' ସମାଜରେ ନାରୀ ଶରୀର-ଶୋଷକ ପୁରୁଷ ସମାଜର ନଗ୍ନ ରୂପ ଦେଖାଇ ପାରିଛନ୍ତି ତ 'ମାନମୟୀ' ଗଳ୍ପରେ ମାନମୟୀ ମୁହଁରେ ପ୍ରଶ୍ନ କରନ୍ତି ଯେ ଯଦି ସ୍ତ୍ରୀ ମୃତ୍ୟୁ ପରେ ବାସି ଦିନ ହିଁ ପୁରୁଷ ଦୁସରା ବିବାହ କରି ଖୁସିରେ ରହିପାରିବ ଅଥଚ ସ୍ୱାମୀ ମୃତ୍ୟୁ ପରେ ନାରୀ କାହିଁକି ଧଳା ଶାଢ଼ୀ ପିନ୍ଧିବ, ନିରାମିଷ ଖାଇବ, ଓଷାବ୍ରତରେ ଜୀବନ ଅତିବାହିତ କରିବ ଅଭିଶପ୍ତ ଭାବରେ। ଗାଳ୍ପିକାଙ୍କ 'ଅଶ୍ରୁ ଅନଳ' ଗଳ୍ପଟିରେ ମଦୁଆ ପିଲାମାନଙ୍କୁ ବିରୋଧ କରେ ମୋତି। ତା' ପରଦିନ ସେମାନେ ମୋତିକୁ ହତ୍ୟା କରନ୍ତି। ଅନ୍ୟାୟର ପ୍ରତିବାଦ କରିଥିବା ମୋତିକୁ ନାରକୀୟ ଭାବରେ ହତ୍ୟା କରିଥିବା ମଦ୍ୟପମାନଙ୍କୁ କେତକୀ ଶାସ୍ତି ଦେଇଛି। ଅତ୍ୟଧିକ ମଦ ପିଇ ତାଙ୍କ ଆଡ୍ଡାରେ ଶୋଇ ରହିଥିବା ଏଇ ନିଷ୍ଠୁର ନୃଶଂସମାନଙ୍କୁ ପେଟ୍ରୋଲ ଢାଳି

ପୋଡ଼ି ଦେଇଛି କେତକୀ। ସେଥି ମଧ୍ୟରୁ ଜଣେ କବାଟ ଫାଙ୍କ ଦେଇ ବାହାରିବାର ଚେଷ୍ଟାରେ ମୁଣ୍ଡ ବାହାରକୁ ବାହାର କରିବାବେଳେ କେତକୀ ତା' ମୁଣ୍ଡକୁ ଗଣ୍ଡିରୁ ଅଲଗା କରିଦିଏ। ଗାଳ୍ପିକାଙ୍କ ଅନ୍ୟାନ୍ୟ ଅନେକ ଗଳ୍ପ ନାରୀ ମାନସିକ ସାମାଜିକ ସ୍ଥିତିରେ ଏକ ଉଚ୍ଚସ୍ତରକୁ ଛୁଇଁ ପାରିଛି। ଗାୟତ୍ରୀ ସରାଫଙ୍କ 'ବିଷବଳୟ' ଗଳ୍ପରେ ମେଘବର୍ଣ୍ଣା ଦୁଃଶ୍ଚରିତ୍ର ସ୍ୱାମୀକୁ ପ୍ରତ୍ୟାଖ୍ୟାନ କରି ଛୋଟ ପୁଅକୁ ଧରି ଏକୁଟିଆ ରହିଛି। ପୂର୍ବର ସାମାଜିକ ଧାରଣା ଯେ ସ୍ୱାମୀର ଘରରେ ରହିବ, ସ୍ୱାମୀର ଛତ୍ରଛାୟା ତଳେ ରହିବ, ଦୟାରେ ରହିବ, ସ୍ୱାମୀଠୁ ତେଣୁ ଆବଶ୍ୟକ ହେଲେ ନିର୍ଯ୍ୟାତନା ପାଉ ପଛକେ ସ୍ୱାମୀକୁ ହିଁ ମାନି କି ଚଳିବ ଏପରି ଦୀର୍ଘ ଦିନର ବଦ୍ଧମୂଳ ଧାରଣା ବିରୁଦ୍ଧରେ ମେଘବର୍ଣ୍ଣା ଏକ ପ୍ରତିବାଦ କିମ୍ବା ପ୍ରେରଣା।

ଗାଳ୍ପିକା ସରୋଜିନୀ ସାହୁଙ୍କ 'ନିଜ ଗହୀରରେ ନିଜେ' ଗଳ୍ପରେ ନାରୀର ମାନସିକ ପରାଧୀନତା ବିରୁଦ୍ଧରେ କୁହାଯାଇଛି। ଗାଳ୍ପିକା ପ୍ରଶ୍ନ କରନ୍ତି ଯେ ନାରୀଟିଏ କାହିଁକି ପୁରୁଷର ଅଶ୍ଳୀଳ ଚାହାଣି କି ପାଶବିକ ଆଲଙ୍ଗନକୁ ଧୂଳି ପରି ଝାଡ଼ି ଦେବ ନାହିଁ। କାହିଁକି ସ୍ୱାମୀ ଘର ବାହାରେ ରହିଗଲେ ଏକୁଟିଆ ଘରେ ରହିପାରେନା କି ଏକୁଟିଆ ସିନେମା ଦେଖିପାରେନା କି ନିଃସଙ୍ଗ ପ୍ଲାଟଫର୍ମରେ ଚାଲିପାରେନା। ଯେତେଦିନ ଧରି ଏଭଳି ମାନସିକତା ନାରୀର ରହିବ, ସେତେ ଦିନ ପର୍ଯ୍ୟନ୍ତ ଯେମିତି ନାରୀ ସ୍ୱାଧୀନତାର କଥା ନିରର୍ଥକ।

ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ 'ଅଗ୍ନିଦଣ୍ଡ' ଗଳ୍ପରେ ମଧ୍ୟ ପୁରୁଷ ମୁର୍ଦ୍ଧନ୍ୟ ସମାଜ ବ୍ୟବସ୍ଥା ବିରୁଦ୍ଧରେ ସୁଦୃଢ଼ ସୁଲତା ତା' ଜୀବନକୁ ସଫଳ ଭାବରେ ପରିଚାଳିତ କରିପାରିଛି।

ଓଡ଼ିଆ ଗଳ୍ପରେ ନାରୀ ମୁକ୍ତିର କଥା ବି ଚରମ ଭାବରେ କୁହାଯାଉଥିବା ଶତାଧିକ ଗଳ୍ପ ରଚିନା ହୋଇସାରିଛି। ସମାଜର ଅର୍ଦ୍ଧାଂଶପ୍ରାୟ ମଣିଷର ଉତ୍‌ଥାନ ଏଗଳ୍ପଗୁଡ଼ିକରୁ ପ୍ରେରଣା ପାଇପାରିବ।

ଆଧୁନିକ ଓଡ଼ିଆ ଗଳ୍ପରେ ଯୌନତା ଏକ ଆଧୁନିକ ଦୃଷ୍ଟିଭଙ୍ଗୀର ଏକ ଅପରିହାର୍ଯ୍ୟ ଦିଗ। ଯୌନତା ଜୀବନର ଚଳମାନ ଶକ୍ତି। ଏକଥାକୁ କହିବା ଦ୍ୱାରା ମଣିଷର ଆଭ୍ୟନ୍ତରର ଅସଲ କଥା କହିପାରୁଥିବା ସହିତ ଗଳ୍ପ ମଧ୍ୟ ଅଟୋପବିହୀନ ହୋଇପାରିଛି।

ଗାଳ୍ପିକା ଯଶୋଧାରା ମିଶ୍ର 'ରେଖାଚିତ୍ର' ଗଳ୍ପ ବେଶ୍ ଶାଣିତ ବକ୍ତବ୍ୟ ରଖେ। ତାଙ୍କର 'ଯାତ୍ରୀ', 'ଭିତରର ଛଡ଼ି', 'କୋଠରୀ', 'ଅନ୍ଧାର' ପ୍ରଭୃତି ଗଳ୍ପରେ ମଣିଷର ମନ ଗହନକୁ ସ୍ପଷ୍ଟ କରିଦିଆଯାଇଛି।

ଗାଳ୍ପିକ ରବି ପଟ୍ଟନାୟକଙ୍କ 'ନିର୍ଜନତାର ଭୂତ', କିଶୋରୀ ଚରଣ ଦାସଙ୍କ 'ରାତି କୁକୁର', 'ଗୋଟିଏ ରାତିର କାହାଣୀ' ଆଶୋକ ଚନ୍ଦନଙ୍କ 'ସ୍ୱର୍ଗଦ୍ୱାର ନର୍କଦ୍ୱାର' ଜଗଦୀଶ ମହାନ୍ତିଙ୍କ 'ଈର୍ଷା ଏକ ଋତୁ ଓ ନିଆଁ' ସରୋଜିନୀ ସାହୁଙ୍କ 'ରେପ୍' ପଦ୍ମଜ ପାଳଙ୍କ 'ଇଗଲର ନଖଦାନ୍ତ' ପ୍ରଭୃତି ଗଳ୍ପଗୁଡ଼ିକରେ ସବୁଠୁ ଶକ୍ତିଶାଳୀ ଭାବରେ ଯୌନଚେତନାର ବିଷୟ ଉଲ୍ଲିଖିତ। ଯେଉଁଠି ନିଦା ଜୀବନର କଥା ଆସିଛି ସେଇଠି ଯୌନଚେତନାର ଉପସ୍ଥାପନ ଅନିବାର୍ଯ୍ୟ ଭାବରେ ରହିଛି। ଶୁଦ୍ଧ ତଥା ସାଧୁତାର ସହିତ ଜୀବନକୁ ଏଭଳି ଗଳ୍ପ ଏକ ନିଖୁଣତା ପ୍ରଦାନ କରିପାରିଛି। ନାନା ମୂଲ୍ୟବୋଧ ଓ ପ୍ରାଚୀନ ସଂସ୍କାର ଉର୍ଦ୍ଧ୍ୱରେ ଏମାନେ ମଣିଷର ବଞ୍ଚୁଥିବା ଜୀବନକୁ

ବର୍ଣ୍ଣନା କରିଛନ୍ତି । ଏହାଦ୍ୱାରା ପୁଣି ଏକ ପ୍ରତିମୂଲ୍ୟବୋଧ ସମ୍ପର୍କିତ ବକ୍ତବ୍ୟ ଦେଖିବାକୁ ମିଳୁଛି । ଧର୍ମ, ସମାଜ, ଆଦର୍ଶ, ଶାସନ, ବ୍ୟବସ୍ଥା ସବୁର ଚାପରେ ମଣିଷ ଜୀବନ ଦଳିତ ହୁଏ । ତେଣୁ ଏସବୁ ଉର୍ଦ୍ଧ୍ୱରେ ମାନବୀୟ ଆବେଗକୁ ଆଜିର ଗଳ୍ପ ସ୍ଥାନ ଦେଇଛି ।

ମନ ଭିତରକୁ ଲେଖୁଥିବାବେଳେ ଶିଶୁ ମନକୁ ତ ଆଧୁନିକ ଗଳ୍ପ ଅତି ମାର୍ମିକ ଭାବରେ ଉପସ୍ଥାପନ କରିଛି । ଗାଳ୍ପିକ ମନୋଜ ଦାସଙ୍କ 'କୃପାଣ' ରେ ପଲଟୁ, 'ଲକ୍ଷ୍ମୀର ଅଭିସାର' ର ଲକ୍ଷ୍ମୀ, 'ନାତୁଣୀ'ର ନାତୁଣୀ, କିଶୋରୀ ଚରଣ ଦାସଙ୍କ 'ଭଙ୍ଗା ଖେଳନା', ସରୋଜିନୀ ସାହୁଙ୍କ 'ଝିଅ ହାମ୍‌ଲେଟର କାହାଣୀ' ପାରମିତା ଶତପଥୀଙ୍କ 'ପାପ' ଗଳ୍ପ ଆଦିରେ ଶିଶୁ ମନର କୋମଳ ଅନୁଭବ ଉପସ୍ଥାପିତ ।

ମଣିଷ ଭିତରେ ଅମାପ ଜୀବନ ପ୍ରିୟତା ପରିପୂର୍ଣ୍ଣ ତାହା ଆମ ଗାଳ୍ପିକମାନଙ୍କ ବେଶ୍ ଆକର୍ଷଣର ବିଷୟ । ଶାନ୍ତନୁ କୁମାର ଆଚାର୍ଯ୍ୟ, ମହାପାତ୍ର ନୀଳମଣି ସାହୁ, ମନୋଜ ଦାସ, କିଶୋରୀ ଚରଣ ଦାସ, ଶ୍ୟାମା ପ୍ରସାଦ ଚୌଧୁରୀ, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର । ପୂର୍ଣ୍ଣାନନ୍ଦ ଦାନୀ, ଜଗଦୀଶ ମହାନ୍ତି, ପଦ୍ମଜ ପାଳ, ଅଖିଳ ମୋହନ ପଟ୍ଟନାୟକ, ମନୋଜ କୁମାର ପଣ୍ଡା ଆଦି ପ୍ରମୁଖ ଗାଳ୍ପିକଙ୍କ ଗଳ୍ପଗୁଡ଼ିକରେ ଜୀବନର ଡାକକୁ ଲେଖାଯାଇଛି ବେଶ ମନୋଜ୍ଞ ସହକାରେ ।

ମଣିଷ ଜୀବନ ଅପରିସୀମ ଓ ସର୍ବଦା ଆଶ୍ଚର୍ଯ୍ୟ କରି ଦେଇଥିବା ଏକ ଚଳମାନ ପ୍ରାଣଧାରା । ଏକକ ଅଥଚ ଅନୁପମ । ସବୁ ବାଧା ବିପତ୍ତି ସତ୍ତ୍ୱେ, ଆକସ୍ମିକ ଭାବରେ ପ୍ରିୟ ପରିଜନର ମୃତ୍ୟୁ ପରେ ଜୀବନଟିଏ ବଞ୍ଚିବାକୁ ବାଧ ଯେମିତି ମଣିଷ । ଆଜି ବି ନିବେଦିତା, କୁମାର ଦାଦାମାନେ ଜୀବନକୁ ସାମ୍ନା କରନ୍ତି । ଜୀବନ ସମ୍ମୁଖରେ ତଟସ୍ଥ ହୋଇ ଦଣ୍ଡାୟମାନ ସେମାନେ । ଏ ଗାଳ୍ପିକଙ୍କ ଗଳ୍ପର ଚରିତ୍ର ସବୁ ଜୀଇଁବାର ସ୍ୱାଦକୁ ଅମୂଲ୍ୟ ମନେ କରନ୍ତି । ଆବେଗିକ ଜୀବନକୁ ବରଣ କରନ୍ତି । ପାପ ପୁଣ୍ୟ ଭଲ ମନ୍ଦ ଉର୍ଦ୍ଧ୍ୱରେ ବଞ୍ଚିବା ଯେ ପ୍ରଥମ ମଣିଷର ଏଭଳି ଏକ ସଦିଚ୍ଛାକୁ ଏମାନଙ୍କ ଗଳ୍ପ ଗୁଡ଼ିକରେ ମୂଳ କଥା । ବିଚାର କି ମାପ ନୁହେଁ ବଞ୍ଚିବାର ମାପଦଣ୍ଡ । ନିବିଡ଼ ଜୀବନପ୍ରିୟତା ଏସବୁ ଗଳ୍ପକୁ ସମୃଦ୍ଧ କରିଛି । ଶହେ ପରାଜୟ ପରେ ବି ଜୀବନର ସ୍ପର୍ଦ୍ଧାକୁ ଏ ଗଳ୍ପଗୁଡ଼ିକ କଳାତ୍ମକତାର ସହିତ ଆଙ୍କିଛି । ଜୀବନ ପ୍ରିୟ ଗାଳ୍ପିକମାନେ ତେଣୁ ଗଳ୍ପ ରଚନାର କୃତ୍ରିମତାର ଉର୍ଦ୍ଧ୍ୱରେ ବିଷୟଗୁଡ଼ିକୁ ଗଳ୍ପାୟିତ କରିଛନ୍ତି ।

ଜୀବନକୁ ବ୍ୟବଚ୍ଛେଦ କରି କେହି କେବେ ବୁଝିପାରିବ ନାହିଁ ବୁଝିପାରିବ ନିଜେ ବଞ୍ଚିଲେ ଯାଇ । ତେଣୁ ସର୍ତ୍ତହୀନ ନ କରି ଜୀବନ ବଞ୍ଚୁଥିବା ମଣିଷମାନେ ଆଧୁନିକ ଗଳ୍ପର କେନ୍ଦ୍ର ବିଷୟ ନିଶ୍ଚୟ ।

ଦୁଃଖ ଭୋଗିବା ଯେମିତି ମଣିଷର ଅନିବାର୍ଯ୍ୟ ଭାଗ୍ୟର ବିଷୟ । ଜାତି ନା ରେ ଘୃଣା ସହୁଥିବା, ଧର୍ମ ନାଁ ରେ ହତ୍ୟା ଦେଖୁଥିବା ସାତ ପୁରୁଷର ଭିଟାମାଟିରୁ ବିତାଡ଼ିତ କରାଯାଉଥିବାର ବକ୍ଷଭେଦୀ ବେଦନାକୁ ଅନୁଭବ କରୁଥିବା, ସ୍ୱପ୍ନ ଦେଖୁଥିବା ନାରୀଟିଏ ରଙ୍ଗହୀନ ହେଉଥିବା, ବୃଦ୍ଧ ବୟସରେ ଏକ ମାତ୍ର ସନ୍ତାନକୁ ହରାଇ ପରଳ ପଡ଼ିଥିବା ନୟନରେ ଲୁହ ଗଡ଼ାଉଥିବା ଆଦି କେତେ ବିଭଙ୍ଗ ଜୀବନ ସତରେ ! ଏସବୁକୁ ଆଧୁନିକ ଗଳ୍ପ ହିଁ ଧରି ରଖିଛି । ଧରି ରଖିଛି ପୁଣି ଏତେ ଭଙ୍ଗାଜୀବନ ପରେ ବି ତଥାପି ବଞ୍ଚିରହିଥିବାର ଇଚ୍ଛାକୁ ।

ଆଧୁନିକ ଓଡ଼ିଆ ଗଳ୍ପ ତେଣୁ ବହୁ ଭାବରେ ସୁସମୃଦ୍ଧ ନିଶ୍ଚୟ ।

## ୪.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) ନାରୀ ସ୍ୱାଧିନତା

(ଖ) ଶାନ୍ତନୁ କୁମାର ଆଚାର୍ଯ୍ୟ

(ଗ) ନର କିନ୍ନର ଉପନ୍ୟାସ

(ଘ) ଗାଳ୍ପିକ ରବି ପଟ୍ଟନାୟକ

(ଙ) ପାଟ ଦେଇ

(ଚ) ସରୋଜିନୀ ସାହୁ

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ଆଧୁନିକ କଥା ସାହିତ୍ୟର ଆଭିମୁଖ୍ୟ ଆଲୋଚନା କର ।

(ଖ) ଗାଳ୍ପିକ ରବି ପଟ୍ଟନାୟକଙ୍କ ରଚନାର ମୁଖ୍ୟ ସ୍ୱର ସମ୍ପର୍କରେ ବିଶ୍ଳେଷଣ କର ।

(ଗ) ବୀଣାପାଣି ମହାନ୍ତିଙ୍କ ରଚନାରେ ନାରୀ ମନସ୍ତତ୍ତ୍ୱ କିପରି ଚିତ୍ରିତ ହୋଇଛି ଆଲୋଚନା କର ।

## ୪.୬ ସହାୟକ ଗ୍ରନ୍ଥସୂଚୀ


- ଆଧୁନିକ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଅସ୍ତିତ୍ୱବାଦୀ ଚରିତ୍ର - ବାଳକୃଷ୍ଣ ବେହେରା, ଅଗ୍ରଦୂତ, କଟକ, ୨୦୧୨ ।
- ଆଧୁନିକ କଥା ସାହିତ୍ୟ - ବିଭୂତି ପଟ୍ଟନାୟକ, ଗ୍ରନ୍ଥମନ୍ଦିର, କଟକ, ୨ୟ ସଂସ୍କରଣ, ୨୦୧୬ ।
- ଓଡ଼ିଆ ଗଳ୍ପ ଉପନ୍ୟାସର ନବଦିଗନ୍ତ - ଆଦିକନ୍ଦ ସାହୁ, ଶ୍ରୀମତୀ ଚନ୍ଦ୍ରାବଳୀ ସାହୁ, ବୁର୍ଲା, ୧୯୯୯ ।
- ଓଡ଼ିଆ ଗଳ୍ପ ଉନ୍ମେଷ ଓ ଉତ୍ତରଣ - ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୫ ।
- ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ - ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୯ ।


□□□



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur

www.osou.ac.in
e-mail: info@osou.ac.in